ଖାଇଫୋଡ଼ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

# କଣ୍ଟା ଫୋଡ଼ି ଖାଇରେ ବୁଲିଲେ ପାଟୁଆ



**ସାକ୍ଷୀଗୋପାଳ, ୧୪।୪(ସମିସ)**

ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟବର୍ତ୍ତୀ ଭୀମପୁର ଓ ଦାସବିଦ୍ୟାଧରପୁର ଗ୍ରାମରେ ପ୍ରସିଦ୍ଧ ଖାଇଫୋଡ଼ ଯାତ୍ରା ମଙ୍ଗଳବାର ପଣା ସଂକ୍ରାନ୍ତିରେ ଅନୁଷ୍ଠିତ ହୋଇଯାଇଛି। ମାନସିକ ପୂରଣ ପାଇଁ ଜଣେ ଜଣେ ପାଟୁଆ ୬ରୁ ୧୦ ଇଞ୍ଚ ଲମ୍ବା, ଦୁଇରୁ ଚାରୋଟି ଲେଖାଏଁ ଲୁହାବାଙ୍କି କଣ୍ଟା ପିଠିରେ ଫୋଡ଼ି ୧୨ ଫୁଟ୍ ଉଚ୍ଚତାରେ ଖାଇ ଦଣ୍ଡରୁ ତଳକୁ ଝୁଲି ରହିବା ସହିତ ଠାକୁରଙ୍କ ଜୟ ଜୟକାର ଧ୍ୱନି ହରିବୋଲ, ହୁଳହୁଳି ଦେଇ ଘେରାକୁ ଘେରା ଚକ୍ର କାଟି ଖାଇ ଚାରିପଟ ବୁଲିବା ଦେଖିବାକୁ ମିଳିଥିଲା। ଖାଇଫୋଡ଼ ଯାତ୍ରା ଦେଖିବାକୁ ଭୀମପୁର ଗ୍ରାମର ମା' ଗଡ଼ଚଣ୍ଡୀ ଏବଂ ଦାସବିଦ୍ୟାଧରପୁର ଗ୍ରାମର ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ମା' ଗଡ଼ଚଣ୍ଡୀଙ୍କୁ ଟାହିଆ ଲାଗି କରାଯାଇଥିଲା। ଘଣ୍ଟ, କାହାଳୀ, ଢୋଲ, ମହୁରି ବଜାଇ ମା' ବସନ୍ତେଇ, ମା' ଜାଗୁଲାଇ, ମା' ମଙ୍ଗଳା, ଛୋଟା ଗୋସେଇଁ ଓ ମା' ଗଡ଼ଚଣ୍ଡୀ ଏପରି ପାଞ୍ଚଜଣ କାଳେସୀ ନିକଟବର୍ତ୍ତୀ ଲଳିତା ପୋଖରୀକୁ ବିଜେ କରିଥିଲେ। ପୋଖରୀ ଚତୁଃପାର୍ଶ୍ୱରେ ସମବେତ ଭକ୍ତମାନଙ୍କ ଗହଣରେ ଜଣକ ପରେ ଜଣେ ପାଟୁଆଙ୍କ ପିଠିରେ କାଳେସୀମାନେ କଣ୍ଟା ଫୁଟାଇଥିଲେ ମଧ୍ୟ ପାଟୁଆମାନଙ୍କୁ କଷ୍ଟ କିମ୍ବା କ୍ଷତ ସ୍ଥାନରୁ ରକ୍ତସ୍ରାବ ହୋଇ ନ ଥିଲା। କଣ୍ଟାର ଗୋଟିଏ ମୁଣ୍ଡରେ ଲଗାଯାଇଥିବା ରଶିରେ ପାଟୁଆମାନେ ବନ୍ଧାହୋଇ ଖାଇଦଣ୍ଡରୁ ତଳକୁ

## ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

ଝୁଲିଥିଲେ। ଖାଇରେ ବୁଲିବା ସମୟରେ ପାଟୁଆମାନେ ଫୁଲ, ଖଜୁରୀ କୋଳି, ଆମ୍ବ ଆଦି ଠାକୁରଙ୍କ ଉଦ୍ଦେଶ୍ୟରେ ପକାଇଥିଲେ ଏବଂ ମାନସିକ କରାଯାଇଥିବା ଛୋଟ ଛୋଟ ଶିଶୁମାନଙ୍କୁ ଖାଇରେ ଧରି ପାଟୁଆମାନେ ବୁଲୁଥିବା ଦେଖାଯାଇଥିଲା। ସେହିପରି ଦାସବିଦ୍ୟାଧରପୁର ଗ୍ରାମର ମା' ବିନ୍ଧ୍ୟବାସିନୀ, ଦୁଲ୍ଲଣା, ମଙ୍ଗଳା, ଛୋଟା ଗୋସେଇଁଙ୍କ କାଳେସୀ ଉଭା ହୋଇଥିଲେ। ବଡ଼ପୋଖରୀ ମଧ୍ୟରେ ପାଟୁଆମାନେ କଣ୍ଟା ଫୋଡ଼ାଇ ଜଣକ ପରେ ଜଣେ ଖାଇରେ ବୁଲିଥିଲେ। ଶାନ୍ତିଶୃଙ୍ଖଳାରେ ଯାତ୍ରା ପରିଚାଳନା ପାଇଁ ଗ୍ରାମ କୋଠ କମିଟି, ସତ୍ୟବାଦୀ ପୁଲିସ ପ୍ରଶାସନ ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

## କ୍ଷୀର ଗାଡ଼ି ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

**ନିମାପଡ଼ା, ୧୪।୪(ସମିସ):** ମଙ୍ଗଳବାର ମଧ୍ୟାହ୍ନରେ ନିମାପଡ଼ା ଗୋଲେଇ ଛକରେ ଏକ କ୍ଷୀର ଗାଡ଼ି ଧକ୍କାରେ ଜଣେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ନିମାପଡ଼ା ଥାନା ଅନ୍ତର୍ଗତ ସର୍ବାପଡ଼ାର ଯୁବ ବ୍ୟବସାୟୀ କାଳନ୍ଦୀ ପ୍ରଧାନ (୫୦), ତାଙ୍କ ବନ୍ଧୁ କୃଷ୍ଣଚନ୍ଦ୍ର ସାହୁ ନିମାପଡ଼ା ବଜାରରେ ଥିବା ବ୍ୟାବସାୟିକ ପ୍ରତିଷ୍ଠାନକୁ ନିଜ ବାଇକ୍‌ରେ ଯାଉଥିବା ସମୟରେ ବିପରୀତ ପଟୁ ଆସୁଥିବା ଏକ ପୁମୁଲ କ୍ଷୀର ଗାଡ଼ି ଧକ୍କା ଦେଇଥିଲା। ଘଟଣାସ୍ଥଳରେ କାଳନ୍ଦୀ ଗୁରୁତର ହୋଇଥିବାବେଳେ କୃଷ୍ଣଚନ୍ଦ୍ର ଗାଡ଼ିରୁ ଛିଟିକି ପଡ଼ି ଆହତ ହୋଇଛନ୍ତି। ସ୍ଥାନୀୟ ଲୋକମାନେ ଉଭୟଙ୍କୁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର କାଳନ୍ଦୀଙ୍କୁ ମୃତ ଘୋଷଣା କରିଥିବାବେଳେ କୃଷ୍ଣଚନ୍ଦ୍ରଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବର ପାଇ ଘଟଣାସ୍ଥଳରେ ନିମାପଡ଼ା ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ପୁଲିସ ଜବତ କରିବା ସହିତ ଚାଳକକୁ ଅଟକ ରଖିଥିବା ଜଣାପଡ଼ିଛି। ନିମାପଡ଼ା ବଜାରରେ କାଳନ୍ଦୀ ଏକ ପରିବା ଦୋକାନ କରି ପରିବାର ଚଳାଉଥିଲେ। ତାଙ୍କ ବିୟୋଗରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। କାଳନ୍ଦୀଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଛେଳି ଚୋରି ଅଭିଯୋଗରେ ଜଣେ ଗିରଫ

**ଚାରିଛକ, ୧୪।୪(ସମିସ):** ଚାରିଛକ ଥାନା ଅନ୍ତର୍ଗତ ବେଗୁନିଆ ଗ୍ରାମର କାବୁଲି ସ୍ୱାଇଁଙ୍କ ଘରୁ ୫ଟି ଛେଳି ଚୋରି ହୋଇଥିବା ନେଇ ଚାରିଛକ ଥାନାରେ ଅଭିଯୋଗ ହୋଇଥିଲା। ଖବରରୁ ପ୍ରକାଶ ଯେ, କାବୁଲିଙ୍କ ଅଭିଯୋଗ କ୍ରମେ ପୁଲିସ ୪୦/୨୬ରେ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ସୋମବାର ଚାରିଛକ ଥାନା ଏଏସ୍‌ଆଇ ଇନ୍ଦୁଲତା ମିଶ୍ର କୌଣସି ସୂତ୍ରରୁ ଖବର ପାଇ କଳାପାଞ୍ଚଣ ଗ୍ରାମର ସେକ୍ ୱାସିମ (୩୩)ଙ୍କ ଘରୁ ୫ଟି ଚୋରି ଛେଳି ଉଦ୍ଧାର କରିବା ସହିତ ଅଭିଯୁକ୍ତ ସେକ୍ ୱାସିମକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲଣ କରିଛି।

## ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଲୁଟ୍

**ଡେଲାଙ୍ଗ, ୧୪।୪(ସମିସ):** ଡେଲାଙ୍ଗରେ ଦିନକୁ ଦିନ ଚୋରି ଓ ଲୁଟ୍‌ପାଟ୍ ବୃଦ୍ଧି ପାଇବାରେ ଲାଗିଛି। ପୁଲିସ ପ୍ରଶାସନ ପକ୍ଷରୁ ଚୋରି ନିୟନ୍ତ୍ରଣ କରିବାରେ ବିହିତ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅଞ୍ଚଳରେ ଚୋରି ସଂଖ୍ୟା ବୃଦ୍ଧିପାଉଥିବା ନେଇ ସାଧାରଣରେ ବାରମ୍ବାର ମତ ପ୍ରକାଶ ପାଉଛି। ଘଟଣା ଅନୁଯାୟୀ, ଗତ ସୋମବାର ବିଳମ୍ବିତ ରାତିରେ ବେନୁପଡ଼ା ଗ୍ରାମରୁ ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଲୁଟ୍ ହୋଇଥିବା ଥାନାରେ ଅଭଯୋଗ ହୋଇଛି। ବେନୁପଡ଼ା ଗ୍ରାମର ବିପିନ ବିହାରୀ ରାଉତ ରାତିରେ ଘରେ ଶୋଇଥିବାବେଳେ ବାରିପଟେ ଅର୍ଦ୍ଧନିର୍ମିତ ଗୃହ ଦେଇ କେତେକ ଦୁର୍ବୃତ୍ତ ଘରୁ ଲୁଟ୍‌ପାଟ୍ କରିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଘରେ ଥିବା କାଠବାକ୍ସ ଓ ଆଟାଜ୍ ମଧ୍ୟରେ ଥିବା (ବନ୍ଧାଣରେ ମିଳିଥିବା) ୫-୫ଟି ସୁନାମୁଦି, ୧୫ ଗ୍ରାମ୍‌ର ସୁନାଚେନ୍, ୨ଲକ୍ଷ ୩୦ ହଜାର ନଗଦ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ଘର ତିଆରି ପାଇଁ ରଖିଥିବା ଟଙ୍କା ଲୁଟ୍ ପରେ ବିପିନ ଭାଙ୍ଗିପଡ଼ିଥିବାବେଳେ ପୁଲିସ ରାତ୍ର ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

## ବକୁ ଗ୍ରାମରେ ଦଣ୍ଡମିଳନ ଉଦ୍‌ଯାପିତ

**କଣାସ, ୧୪।୪(ସମିସ):** ପୁରୀ ଜିଲ୍ଲା କଣାସ ବ୍ଲକର ୭୦୦ ବର୍ଷର ପୁରାତନ ବକୁ ଗ୍ରାମର ଦଣ୍ଡମିଳନ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଯୋଗେଶ୍ୱର ଭଗବାନ ଶିବଙ୍କର ଏହି ଦୁଃସାଧ୍ୟ ଯୋଗମୟ ମହୋତ୍ସବରେ ଶ୍ରୀମୁକୁନ୍ଦପୁର, ବୀରକେଶରପୁର, ସାମନ୍ତରାୟପୁର, ଦିବ୍ୟସିଂହପୁର, ମଇନ୍ଦିପୁର, ଶୋଡ଼ରପୁର ପ୍ରମୁଖ ସାତଟି କୋଠିର ଭକ୍ତ ଦଣ୍ଡୁଆମାନଙ୍କ ସହିତ ଦଣ୍ଡ ମିଳନ ମହୋତ୍ସବରେ ହଜାର ହଜାର ଭକ୍ତ ତଥା ଜନସାଧାରଣ ଉତ୍ସାହପୂର୍ଣ୍ଣ ପରିବେଶରେ ଯୋଗଦେଇ ଏହାକୁ ଉତ୍ସବମୁଖର କରିଥିଲେ। ୧୫ ମୌଜା ସାତଶାସନର ଗଡ଼ପାଳ ଦଳବେହେରାଙ୍କ ନେତୃତ୍ୱରେ ଏହି ଐତିହ୍ୟସମ୍ପନ୍ନ ଦଣ୍ଡନୃତ୍ୟକୁ ଶହଶହ ବର୍ଷ ଧରି ଅବ୍ୟାହତ ରଖିଥିବାରୁ ଏହି ଅଞ୍ଚଳର ସଂସ୍କୃତିପ୍ରେମୀ ଜନସାଧାରଣଙ୍କୁ ପୂଜ୍ୟପୂଜା ସଂସଦର ରାଜ୍ୟ ସଭାପତି କୃଷ୍ଣ ଜଗଦେବ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଯୋଗେଶ୍ୱରପୁର ମା' ତାରେଣୀଙ୍କ ବାର୍ଷିକ ଉତ୍ସବ

**ନୟାହାଟ, ୧୪।୪(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁରଠାରେ ଥିବା ମା' ତାରେଣୀଙ୍କ ପୀଠରେ ୨୮ତମ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ମା'ଙ୍କ ପୀଠରେ ପହଞ୍ଚି ଆଶୀର୍ବାଦ ଭିକ୍ଷା କରିଥିଲେ। ତାଙ୍କ ସହିତ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଧୂମାଳ ସରପଞ୍ଚଙ୍କ ପ୍ରତିନିଧି ଅଭିମନ୍ୟୁ ସିଂହ, ବରିଷ୍ଠ ବିଜେଡି କର୍ମୀ ମହମ୍ମଦ ସମ୍‌ସୁଲ ଆର୍ଫିନ୍, ୧୪ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ ନାୟକ, ଧୂମାଳ ପଞ୍ଚାୟତର ବିଜେଡି ସଭାପତି ଦିଲ୍ଲୀପ ରାୟ, ସମାଜସେବୀ ସହଦେବ ମାଣିକ, ନାଏବ ସରପଞ୍ଚ ଅଶୋକ ସାହୁ, ସମାଜସେବୀ ଏସ୍‌କେ ଶିକନ୍, କୃଷ୍ଣ ଚନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କୁ ପୀଠରେ ଅନୁଷ୍ଠାନର କର୍ତ୍ତା ବା ଶିକ୍ଷାବିତ୍ ହରି ମଲ୍ଲିକ ସମସ୍ତଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ।



### ଗୋପ ଥାନା ନିର୍ମାଣକୁ ପୂରିଲା ୨୨୦ ବର୍ଷ

## ଛାତରୁ ଖସିଲା ପ୍ଲାଷ୍ଟର; ବଢ଼ିଲେ ଅଭିଯୋଗକାରୀ




**ଗୋପ, ୧୪।୪(ସମିସ):** ମଙ୍ଗଳାବର ରାତି ୯ଟା ସମୟରେ ଗୋପ ଥାନା ଛାତରୁ ଅତଡ଼ାଏ ପ୍ଲାଷ୍ଟର ଖସିଛି। ଏହି ସମୟରେ କିଛି ଅଭିଯୋଗକାରୀ ଥାନାରେ ଉପସ୍ଥିତ ଥିଲେ। ସୌଭାଗ୍ୟବଶତଃ ସେମାନଙ୍କର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋପ ଥାନା ୧୮୦୬ ମସିହାରେ ନିର୍ମାଣ ହୋଇଥିଲା। ପ୍ରାୟ ୨୨୦ ବର୍ଷର ଏହି ଥାନା ଏବେ ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ରହିଛି। ଅନେକ ସମୟରେ କାନ୍ଥରୁ ପ୍ଲାଷ୍ଟର ଖସୁଛି ତ କେଉଁ ସମୟରେ ରଙ୍ଗ ଛାଡ଼ିଯାଉଛି। ମଙ୍ଗଳବାର ସନ୍ଧ୍ୟାରେ ଛାତରୁ ଅତଡ଼ା ଖସିବା ପରେ ଥାନାକୁ ନେଇ ଉଠିଛି ପ୍ରଶ୍ନବାଚୀ। ଗୋପ ଥାନା ୨୫ଟି ପଞ୍ଚାୟତ ଓ ୫୦୦ରୁ ଊର୍ଦ୍ଧ୍ୱ ଗାଁକୁ ନେଇ ଗଢ଼ି ଉଠିଥିବାବେଳେ ଦୈନିକ ଶହଶହ ଅଭିଯୋଗକାରୀ ଥାନାକୁ ଆସିଥା'ନ୍ତି। ହେଲେ ଥାନାର ଅବସ୍ଥାକୁ ନେଇ ଏବେ ଅଭିଯୋଗକାରୀ ଚିନ୍ତାରେ ରହିଛନ୍ତି। ଥାନା ମରାମତି ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଅବସ୍ଥା ଯାହା ସେଇଆ। ବ୍ରିଟିଶ୍ ଅମଳର ଥାନାକୁ ଭାଙ୍ଗି ନୂତନ ଥାନା ନିର୍ମାଣ କରିବାକୁ ଦାବି ହେଉଛି।

## ପଣା ସଂକ୍ରାନ୍ତିରେ ବିଜେଡି ପକ୍ଷରୁ ଦହି ପଣା ବଣ୍ଟନ




**ବ୍ରହ୍ମଗିରି, ୧୪।୪(ସମିସ):** ସୂର୍ଯ୍ୟଙ୍କ ତାପ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗ୍ରୀଷ୍ମପ୍ରବାହକୁ ଆଖିରେ ରଖି ମଙ୍ଗଳବାର ଓଡ଼ିଆ ନବବର୍ଷ ତଥା ମହାବିଷୁବ ପଣାସଂକ୍ରାନ୍ତି ଉତ୍ସବ ଉପଲକ୍ଷେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଆୟୋଜନ କରାଯାଇଛି ଦହି ପଣା ବଣ୍ଟନ କାର୍ଯ୍ୟକ୍ରମ। ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷ ରତ୍ନାବାଳା ବେହେରା, ଉପାଧ୍ୟକ୍ଷ ମାଳିନୀ ଦଲେଇ, ବରିଷ୍ଠ ଆଇନଜୀବୀ ଭାସ୍କର ଚନ୍ଦ୍ର ଜେନା, ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ବ୍ରହ୍ମଣିଆ ସରପଞ୍ଚ ନିରଞ୍ଜନ ସେଠୀ, ବ୍ରହ୍ମଗିରି ସରପଞ୍ଚଙ୍କ ପ୍ରତିନିଧି ନନ୍ଦ ବିଶ୍ୱାଳ, ବେଣ୍ଟପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସର୍ବେଶ୍ୱର ପଲାଇ, କୁସୁବେଣ୍ଟି ପଞ୍ଚାୟତ ସମିତିସଭ୍ୟାଙ୍କ ପ୍ରତିନିଧି ବୃନ୍ଦାବନ ପ୍ରଧାନ, ନିଆଳପୁର ପଞ୍ଚାୟତ ସମିତିସଭ୍ୟ ଶୁକଦେବ ପଟ୍ଟନାୟକ, ଆମ୍ବପଡ଼ା ପଞ୍ଚାୟତ ସମିତିସଭ୍ୟ ସଞ୍ଜୟ ପ୍ରଧାନ ଏବଂ ବିଜୁ ଜନତା ଦଳର ବରିଷ୍ଠ ନେତା ଭଗବାନ ନାୟକ ପ୍ରମୁଖ ଉପସ୍ଥିତ ରହି ପଥଚାରୀଙ୍କୁ ଦହି ପଣା ବଣ୍ଟନ କରିଛନ୍ତି।

## ପ୍ରାଚୀ ସାହିତ୍ୟ ସଂସଦର ବିଷୁବ ମିଳନ ଓ କବିତା ପାଠୋତ୍ସବ



**ଚାରିଛକ, ୧୪।୪(ସମିସ):** ମଙ୍ଗଳବାର ଓଡ଼ିଆ ନବବର୍ଷ, ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଚାରିଛକ ନିକଟସ୍ଥ ସାଇକ୍ରିଷ୍ଣା କଲ୍ୟାଣ ମଣ୍ଡପ ପରିସରରେ ଚାରିଛକ ପ୍ରାଚୀ ସାହିତ୍ୟ ସଂସଦର ଷଷ୍ଠ ବାର୍ଷିକ ଉତ୍ସବ, ବିଷୁବ ମିଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରଫେସର ଗୋପୀନାଥ କରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ତଥା ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରାଧ୍ୟାପକ ବଂଶୀଧର ଷଡ଼ଙ୍ଗୀ, ମୁଖ୍ୟବକ୍ତାଭାବେ ରାଜ୍ୟପାଳଙ୍କ ଅବସରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରକ୍ଷକ ନାୟକ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କ୍ଷୀରୋଦ ଚନ୍ଦ୍ର ରାୟମହାପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନାରାୟଣ ମିଶ୍ର, ସଂସଦର ଉପସଭାପତି ଡ. ପ୍ରଭାତ ଚନ୍ଦ୍ର ମିଶ୍ର, ସଂସଦଙ୍କ ନିମାପଡ଼ା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଅଧ୍ୟାପକ ଡ. ରବୀନ୍ଦ୍ର ନାଥ ପାଢ଼ୀ, ପ୍ରାକ୍ତନ ପ୍ରାଧ୍ୟାପକ ପଞ୍ଚାନନ ସାହୁ, ଅଧ୍ୟାପକ ଜୀବନ ଦାଶ, ପ୍ରାକ୍ତନ ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଲେଇ, ପୂର୍ବତନ ପ୍ରଧାନଶିକ୍ଷକ ଦ୍ୱିଜବର ମୁଦୁଲି, ବିଶ୍ୱ ପ୍ରାର୍ଥନା ଦିବସ ଟ୍ରଷ୍ଟର ଅଧ୍ୟକ୍ଷ ପଣ୍ଡିତ ମୁରଲୀଧର ଭାରତୀ ଗୋସ୍ୱାମୀ, କୃଷକ ନେତା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ତୁଳସୀପୁର ଗ୍ରାମ୍ୟ କମିଟି ସଭାପତି ବନବିହାରୀ ଦାଶ, ଚାରିଛକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ କାହ୍ନୁ ଚରଣ ବେହେରା, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର କୁମାର ବାହିନୀପତି, ପୂର୍ବତନ ସରପଞ୍ଚ ଭଗବାନ ମିଶ୍ର, ସମ୍ପାଦକ ଡ. ସନ୍ତୋଷ କୁମାର ମିତ୍ର ପ୍ରମୁଖ ଯୋଗଦେଇ ମହାବିଷୁବ ପଣା ସଂକ୍ରାନ୍ତିର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ପ୍ରାଚୀ ସାହିତ୍ୟ ସଂସଦର ମୁଖପତ୍ର 'ପ୍ରାଚୀଧାରା'ର ଉନ୍ମୋଚନ କରାଯିବା ସହିତ ବିଭିନ୍ନ ଅଞ୍ଚଳରୁ ଆସିଥିବା କବି ଓ କବୟିତ୍ରୀମାନଙ୍କ ଦ୍ୱାରା କବିତା ପାଠୋତ୍ସବ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ନିରୋଦ କୁମାର ତ୍ରିପାଠୀ ସଂଯୋଜନା କରିଥିବାବେଳେ ଶିକ୍ଷକ ନେତା ତ୍ରିଲୋଚନ କର ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ନବବର୍ଷ ଉପଲକ୍ଷେ ସମୀରଙ୍କ ଶୋଭାଯାତ୍ରା




**ନିମାପଡ଼ା, ୧୪।୪(ସମିସ):** ମଙ୍ଗଳବାର ଓଡ଼ିଆ ନବବର୍ଷ ମହା ବିଷୁବ ପଣା ସଂକ୍ରାନ୍ତି ଉପଲକ୍ଷେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେପି ମୁଖପାତ୍ର ସମୀର ରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା-ଗୋପ ନିର୍ବାଚନମଣ୍ଡଳୀର ହଜାର ହଜାର କର୍ମୀ ନିମାପଡ଼ା ନୂଆ ବସ୍‌ଷ୍ଟାଣ୍ଡଠାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଆସି ଚାରିଛକ ବିଶିମାତ୍ରି ଛକ ମହାବୀରଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲେ। ଚାରିଛକ ଜୋନ୍ ୭ଟି ପଞ୍ଚାୟତର ହଜାର ହଜାର କର୍ମୀ ତାଙ୍କ ସହିତ ସାମିଲ୍ ହେବା ପରେ ସେଠାରୁ ଏକ ପଦଯାତ୍ରାରେ ବାହାରି ଚାରିଛକ ବଜାରରେ ଥିବା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିମାପଡ଼ା ନିର୍ବାଚନମଣ୍ଡଳୀରେ ହୋଇଥିବା ବିଭିନ୍ନ କାର୍ଯ୍ୟକଳାପରେ ଜନସାଧାରଣ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନରେ ପ୍ରଭାତୀଙ୍କୁ ଉଚିତ୍ ଜବାବ ଦେବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଶୋଭାଯାତ୍ରାରେ ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ଏନ୍‌ଏସି ଭାଇସ୍ ଚେୟାରମ୍ୟାନ୍ ସନ୍ତୋଷ ଦାସ, ବରିଷ୍ଠ ନେତୃତ୍ୱ ଜୀବନାନନ୍ଦ ମହାପାତ୍ର, ଅଶୋକ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଅଭିମନ୍ୟୁ ପଣ୍ଡା, ପ୍ରଶାନ୍ତ ବେହେରା, ମହେନ୍ଦ୍ର ମହାପାତ୍ର, ସସ୍ମିତା ପାତ୍ର, ସୂର୍ଯ୍ୟ ନାରାୟଣ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

## ବାଟ ମହାବୀର ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

**ପିପିଲି, ୧୪।୪(ସମିସ):** ପିପିଲି ବିଜୁ ଜନତା ଦଳ କାର୍ଯ୍ୟାଳୟ ନିକଟରେ ଥିବା ବାଟ ମହାବୀର ମନ୍ଦିର ପ୍ରାଙ୍ଗଣରେ ୨୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବାଟମହାବୀରଙ୍କ ଜୟନ୍ତୀ ତଥା ମହାବିଷୁବ ସଂକ୍ରାନ୍ତି ତିଥିରେ ଯଥାବିଧି ମୁତାବକ ରୀତିନୀତିରେ ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଥମେ ଅଙ୍କୁରାରୋପଣ, ଜଳଯାତ୍ରା, ସର୍ବଦେବଦେବୀ ଆବାହନ ଓ ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା, ଶାଳାସ୍ଥିତ, ଦେବଦେବୀ ପୂଜା ଆହୁତି ସହିତ ହନୁମାନଙ୍କ ଷୋଡ଼ଶ ଉପଚାର ପୂଜା ହୋଇଥିଲା। ଏଥିରେ କର୍ତ୍ତା ଭାବେ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥି ଓ ତାଙ୍କ ଧର୍ମପତ୍ନୀ ଜାଗୃତୀ ପଣ୍ଡା ମହାରଥୀ ନିୟୋଜିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧ୍ୟାପିକା ଡ. ପ୍ରତିଭା ମହାରଥୀ, ବ୍ଲକ ଅଧ୍ୟକ୍ଷା ଦେବସ୍ୱନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ବୈରାଗୀ ଜେନା, ଯୁଧିଷ୍ଠିର ସ୍ୱାଇଁ, ବାସନ୍ତି ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ, ଧରଣୀଧର ସାହୁ, ସୁଶାନ୍ତ ମଲ୍ଲିକ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର, ଜିଲ୍ଲା ଯୁବ ବିଜେଡି ନେତା ନାରାୟଣ ସ୍ୱାଇଁ, ରବି ନାରାୟଣ ତାଡ଼, ବିପିନ ପଟ୍ଟନାୟକ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ଶରତ ବେହେରା, ଉପାଧ୍ୟକ୍ଷ ଭାଗ୍ୟବତୀ ମହାରଣା, ଯୁବ ବିଜେଡି ନେତା ତପନ ନାୟକ, ଆର୍ତ୍ତବନ୍ଧୁ ସାମନ୍ତରାୟ, ପ୍ରକାଶ ଧଳ, ବିଶ୍ୱଜିତ ଦାଶ, ସୌମ୍ୟରଞ୍ଜନ ମହାପାତ୍ର, ପିଙ୍କୁ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।



# ଓଡ଼ିଆ ନବ ବର୍ଷ ଓ ମହାବୀର ଜୟନ୍ତୀ ପାଳନ

**ପିପିଲି, ୧୪।୪(ସମିସ)**

ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପୁରୀ ଜିଲ୍ଲାର ପିପିଲି ବ୍ଲକ ଅନ୍ତର୍ଗତ ବାଲିଗାଁଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାର୍ଶ୍ୱ ମନ୍ଦିରରେ ମହାବୀର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଭକ୍ତ ଦାସିଆ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ରଣଜିତ୍ ଦାଶ ଓ ତାଙ୍କ ଧର୍ମପତ୍ନୀ ମମତା କୁମାରୀ ଦାଶ ହୋମ କର୍ମରେ କର୍ତ୍ତା ଦାୟିତ୍ୱ ଗ୍ରହଣ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ଲିଙ୍ଗରାଜ ପଣ୍ଡା ଏବଂ ସହାୟକ ପୂଜକ ପ୍ରସନ୍ନ କୁମାର ପଣ୍ଡା ପୀଠସ୍ଥ ସମସ୍ତ ଦେବନୀତି କରିବା ସହ ମହାବୀରଙ୍କ ମନ୍ଦିରରେ ହୋମକର୍ମ ବୈଦିକ ରୀତିରେ ସମାପନ କରିଥିଲେ। କବିନ୍ଦ୍ର ବେହେରା, ସଦାଶିବ ସ୍ୱାଇଁ, ଆଇନଜୀବୀ ରଶ୍ମିରଞ୍ଜନ ଦାଶ ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ଲକ୍ଷ୍ମୀଧର ଲେଙ୍କା, ଗିରିଧାରୀ ପଲାଇ, ପ୍ରଫୁଲ୍ଲ ବିଶ୍ୱାଳଙ୍କ ନେତୃତ୍ୱରେ ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରତାପ ଚନ୍ଦ୍ର ସିଂହ, ବିଶିଷ୍ଟ ସଙ୍ଗୀତଜ୍ଞ ଅଜୟ ଦାସ, ଅନ୍ତର୍ଜାତିକ ବଂଶୀବାଦକ ପର୍ଶୁରାମ ଦାସ, ଡ. ବାସନ୍ତୀ ଦାସ, କୃଷ୍ଣଚନ୍ଦ୍ର ଲେଙ୍କା, ହରିହର ଦାସ, ଚରଣ ପରିଡ଼ା, ଅର୍ଜ୍ଜୁନ ମାଝୀ, ରମେଶ ଚନ୍ଦ୍ର ପ୍ରଧାନ, ଅକ୍ଷୟ ବେହେରା, ସାଗର ବଳ ପ୍ରମୁଖ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନୟାହାଟ



ଗୋପ ବ୍ଲକ ଅନ୍ତର୍ଗତ ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ପରିସରରେ ସଙ୍କଟ ମୋଚନ ଶ୍ରୀହନୁମାନଜୀଉଙ୍କ ଜନ୍ମ ଉତ୍ସବ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ବିଭିନ୍ନ ଅଞ୍ଚଳରୁ ଶହଶହ ଭକ୍ତ, ଶ୍ରଦ୍ଧାଳୁ ଆଶ୍ରମ ଆସି ପ୍ରଭୁ ହନୁମାନଜୀଉଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରି କୃପା ଭିକ୍ଷା କରିଥିଲେ। ଏହି ଉପଲକ୍ଷେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ସହିତ ହନୁମାନ ଚାଳିଶା ପାଠ କରାଯାଇଥିଲା। ବଜରଙ୍ଗ ଦଳର ସମସ୍ତ ସଭ୍ୟ ଏହି ପୂଜାରେ ଭାଗ ନେଇଥିଲେ। ଆଶ୍ରମରେ ବର୍ଷକରେ ପାଳନ ହେଉଥିବା ୨୭ ପର୍ବରୁ ଏହା ଅନ୍ୟତମ ବୋଲି ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି।

### କଣାସ

ମଙ୍ଗଳବାର ସାରା ରାଜ୍ୟରେ ଓଡ଼ିଆ ନବବର୍ଷ ତଥା ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ ହେଉଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ପୂରପଲ୍ଲୀରେ ଓଡ଼ିଆ ନବ ବର୍ଷ ଉପଲକ୍ଷେ ପୂଜାର୍ଚ୍ଚନା ଚାଲିଛି। କାତପଡ଼ା, ତ୍ରିଲୋଚନପୁର, ମନ୍ଦାରବସ୍ତ, ଚାନ୍ଦପଡ଼ା, ସହନା, କଣାସ, ଦୋକନ୍ଦା, ବଡାସ, ସାହୁପଡ଼ା, ସାହାସପୁର, ସାନଓରା ଗ୍ରାମରେ ଥିବା ହନୁମାନ ମନ୍ଦିରରେ ପ୍ରଭାତରୁ ଭକ୍ତମାନଙ୍କ ଗହଳି ଲାଗିରହିଛି। ବିଶେଷ କରି କାତପଡ଼ା, ସାହୁପଡ଼ା, ମନ୍ଦାରବସ୍ତ ହନୁମାନଙ୍କ ମନ୍ଦିରରେ ଶହଶହ ସଂଖ୍ୟାରେ ଭକ୍ତ କଦଳୀ, କ୍ଷୀର, ଛେନା, ନବାତ, ଗୋଲମରିଚ ଗୁଣ୍ଡ, ସେଓ, ଅଙ୍ଗୁର, ଗୁଜରାତି ଗୁଣ୍ଡ, ବଟାଭାଙ୍ଗ ପକାଇ ପଣା କରି ମହାବୀରଙ୍କୁ ଲାଗି କରିବା ପରେ ପ୍ରସାଦ ଭାବେ ସେବନ କରନ୍ତି। ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

### ବ୍ରହ୍ମଗିରି



ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଆ ନବ ବର୍ଷ ପାଳନ କରାଯାଏ। ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ହାତିଆ ଗ୍ରାମରେ ସଙ୍କଟ ମୋଚନ ମହାବୀରଙ୍କ ୨୭ତମ ଜୟନ୍ତୀ ମହା ଆଡ଼ମ୍ବର ସହିତ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ବିଧିବଦ୍ଧ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନମାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ ଏବଂ ଜିଲ୍ଲା ପରିଷଦ ଜମ୍ମେଶ୍ୱର ସାହୁ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବରେ ଭିକାରୀ ଚରଣ ଜେନା, ଗ୍ରାମର ସଭାପତି ଦୁଃଶାସନ ପାତ୍ର, ସମ୍ପାଦକ କମଳ ସାମନ୍ତରାୟ, ଗ୍ରାମର ମୁରବି ତିନା ବରାଳ, ବୀରବର ସାମନ୍ତରାୟ, ଯୁଧିଷ୍ଠିର ସାମନ୍ତରାୟ, ଛବିରାଣୀ ଦଳାଇ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହେବ ବୋଲି ଜଣାପଡ଼ିଛି। ଗ୍ରାମବାସୀଙ୍କ ତରଫରୁ ୪ଟି ଯାତ୍ରା ଅନୁଷ୍ଠାନକୁ ନେଇ ଏକ ଯାତ୍ରା ପ୍ରତିଯୋଗିତା ଆରମ୍ଭ କରାଯାଇଛି।

### ବଳଙ୍ଗା

ମହାବିଷୁବ ସଂକ୍ରାନ୍ତି ଓ ପ୍ରଭୁ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ବଳଙ୍ଗାଠାରେ ଥିବା ହନୁମାନ ମନ୍ଦିରରେ ବ୍ୟାସ ଶୁଶାନ୍ତ କୁମାର ମହାପାତ୍ର ଓ ମୁଖ୍ୟ ପୂଜକ ଅକ୍ଷୟ କୁମାର ମିଶ୍ର, ପବିତ୍ର ମୋହନ ମହାପାତ୍ର, କର୍ତ୍ତା ବିରଞ୍ଚି ନାରାୟଣ ରଥ ଓ ସଙ୍କଟମୋଚନ ମହାବୀର କମିଟି ବଳଙ୍ଗା ଦ୍ୱାରା ଯଜ୍ଞ କାର୍ଯ୍ୟ ଓ ହନୁମାନ ଚାଳିଶା ପାଠ ପ୍ରଭୃତି ସମାହିତ ହୋଇଯାଇଛି। ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ ଗାୟକଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଯାଇଛି। ସେହିପରି ବ୍ରାହ୍ମଣ ଚାନ୍ଦପୁର ଛକଠାରେ ପୁରୋହିତ ମୁକୁନ୍ଦ ଚନ୍ଦ୍ର ଦାଶ ଓ ବ୍ରାହ୍ମଣ ଚାନ୍ଦପୁର ଗ୍ରାମବାସୀଙ୍କ ଦ୍ୱାରା ହନୁମାନ ଜୟନ୍ତୀ ଓ ଯଜ୍ଞ ଅନୁଷ୍ଠିତ ହେବା ସହିତ ଥାନା ଅନ୍ତର୍ଗତ ସମସ୍ତ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି।

# ବିଭିନ୍ନ ସ୍ଥାନରେ ଝାମୁଯାତ୍ରା ଓ ଅରଟୀ ବୁଲା

ଭାପୁର,୧୪।୪(ସମିସ)

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ୨୨ଟି ସ୍ଥାନରେ ଝାମୁଯାତ୍ରା ଆୟୋଜିତ ହୋଇଯାଇଛି। ଦଣ୍ଡ ପର୍ବର ଅନ୍ତିମ ଦିନ ସଂକ୍ରାନ୍ତିରେ ଝାମୁଯାତ୍ରା ସହ ସମାପ୍ତ ହୋଇଥାଏ। ବ୍ଲକର ଭାପୁର, ମାନପୁର, ଫତେଗଡ, ମଣିପୁର, ଚକ୍ରଧରପ୍ରସାଦ, ମାଳିବେରେଣୀ, ଝଗଡପଡା ଓ ଝଗଡପଡା ଶବରସାହି, ବାରବାଟୀ, କରବର, ଟିକିରିପଡା, ଛେଳିଆ, ରାକମା, କଇଁଫୁଲିଆ, ପଦ୍ମାବତୀ, ନୀଳକଣ୍ଠପ୍ରସାଦ, ତରବାଲୋ, କେନ୍ଦୁପଲ୍ଲୀ, ମାଧପୁର, ଯଶୋବନ୍ତପୁର, ବାଉଁଶବାଟୀ, ଲକ୍ଷ୍ମୀପ୍ରସାଦ ଢୀପିସାହି ଆଦି ଗ୍ରାମରେ ଝାମୁଯାତ୍ରା ଆୟୋଜିତ ହୋଇଥିଲା। ଅନେକ ସ୍ଥାନରେ ଦିନବେଳା ଝାମୁଚଲା ହୋଇଥିବା ବେଳେ କେତେକ ସ୍ଥାନରେ ରାତିରେ ଝାମୁଯାତ୍ରା ହୋଇଥାଏ। ଏ ଉପଲକ୍ଷେ ଅନେକ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଭାପୁର ବ୍ଲକ ଚକ୍ରଧରପ୍ରସାଦ ଗ୍ରାମରେ ହେଉଥିବା ଶିଙ୍କୁଳୀ ଛିଣ୍ଡା ଓ ଅରଟୀ ବୁଲା କାର୍ଯ୍ୟକ୍ରମ ସବୁଠାରୁ ନିଆରା।





ମେରୁପର୍ବରେ ଗ୍ରାମର ଆରାଧ୍ୟ ଦେବତା ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ସମ୍ମୁଖରେ ଆୟୋଜିତ ଏହି ଶିଙ୍କୁଳି ଛିଣ୍ଡା କାର୍ଯ୍ୟ ହୋଇଥାଏ। ପାଟ କାଳେସୀ ସିଦ୍ଧେଶ୍ୱର ମହାରଣାଙ୍କ ଦେହକୁ ଲୁହା ଶିଙ୍କୁଳିରେ ବନ୍ଧା ହୋଇଥାଏ। ଶିବ ଠାକୁରଙ୍କ ମୁଣ୍ଡରୁ ଫୁଲ ଖସିବା ପରେ ଆପେ ଆପେ ଏହି ଶିଙ୍କୁଳି ଖୋଲିଯାଇଥାଏ। ଝାମୁପର୍ବରେ ବଡପାଟ ଦଣ୍ଡୁଆ ମାନସ ବେହେରା ଓ ସାନପାଟ ଦଣ୍ଡୁଆ ଜୟକୃଷ୍ଣ ବେହେରାଙ୍କୁ ପାଟଫୋଡା ହୋଇ ଅରଟୀରେ ଓଲଟା ଝୁଲିବାର ଦୃଶ୍ୟ ନିଆରା ହୋଇଥାଏ।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ମା' ଦଣ୍ଡକାଳିଙ୍କ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ପଣାସଂକ୍ରାନ୍ତି ଉପଲକ୍ଷେ ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତର ରାମଚନ୍ଦ୍ରପୁର, କଣ୍ଟିଲୋ, ଢୋଲମରା, କୁମ୍ଭାରପଡା, ବୋଦସା, କାଦୁଆ, ଖଳିସାହି ଆଦି ଗ୍ରାମରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ପାଇଁ ବିଭିନ୍ନ ସ୍ଥାନରେ ନିଆଁର ଗାତ ପ୍ରସ୍ତୁତ ହୋଇଥିବା ବେଳେ ମା'ଙ୍କ ପାରମ୍ପରିକ ରୀତିନୀତି ସମ୍ପନ୍ନ ପରେ ମାନସିକଧାରୀ ପାଟୁଆମାନେ ନିଆଁରେ ପ୍ରବେଶ କରିଥିଲେ। ସେହିପରି ଆୟୋଜକ ଗ୍ରାମବାସୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ପଣାସଂକ୍ରାନ୍ତି ଉପଲକ୍ଷେ ଦହିପଣା ଏବଂ ଜଳଛତ୍ର ଖୋଲାଯାଇ ପଥଚାରୀଙ୍କୁ ବଣ୍ଟନ କରାଯାଇଥିଲା। ବ୍ଲକ ଅଧୀନ ଢୋଲମରା ଗ୍ରାମରେ ପାଟମରା ପର୍ବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ପାଟମରା ଭକ୍ତ ଗ୍ରାମ ପରିକ୍ରମା କରି ଅରଟ ପାଖରେ ପହଞ୍ଚିବା ପରେ ତାଙ୍କ ପିଠିରେ ଫୋଡା ଯାଇଥିବା କଣ୍ଟାକୁ ଏକ ଦଉଡି ସହାୟତାରେ ବନ୍ଧାଯାଇଥିଲା। ଏହାପରେ ଉକ୍ତ ଦଉଡିକୁ ପ୍ରାୟ ୨୦ ଫୁଟ ଉଚ୍ଚ ଅରଟରେ ବନ୍ଧାଯିବା ସହିତ ଏହାକୁ ଘୂରାଇଥିଲେ ଶ୍ରଦ୍ଧାଳୁ। ଏହି ଦୃଶ୍ୟ ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

**କଣ୍ଟିଲୋ:** ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ କଣ୍ଟିଲୋ ହରି ସୁବୁଦ୍ଧିପାଟଣା ଅନ୍ତର୍ଗତ ହରିଜନ ସାହିରେ ୫୩ତମ ଅରଟି ବୁଲା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପିଠିରେ ପାଟ ମରାଯାଇ ଜନୈକ ନାବାଳକ ତାପସ କୁମାର ନାୟକଙ୍କ ପିଠିରେ ଅଙ୍କୁଶ କଣ୍ଟା ଫୋଡା ଯାଇଥିଲା ଓ ନଗର ପରିକ୍ରମା କରିବା ପରେ ତାପସ ୨୦ ଫୁଟ ଉଚ୍ଚା ଏକ ଖମ୍ବରେ ଚଢି ଉପରକୁ ଉଠିଥିଲେ। ପାଟ ମରା କଣ୍ଟାରେ ଓହଳି ଭୂମି ସହିତ ସମନ୍ତରାଳ ରହି ଚକର କାଟିଥିଲେ। ସେହିଭଳି ଭାବେ ବଡ଼ବାଣପୁର ଗ୍ରାମ ରାମଚଣ୍ଡୀ ସାହିରେ ଅଧିଷ୍ଠିତ ମହାବୀର ହନୁମାନ ପୀଠରେ ପଣା ସଂକ୍ରାନ୍ତି ଯାତ୍ରା ଅବସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦିନବ୍ୟାପି ୧୦୮ ହନୁମାନ ଚାଳିଶା ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଶ୍ରୀକାନ୍ତ ମିଶ୍ରଙ୍କ ପୌରହିତ୍ୟରେ ଯଜ୍ଞ କାର୍ଯ୍ୟ ସମ୍ପାଦନ ହୋଇଥିଲା।

## ହନୁମାନ ଜୟନ୍ତୀ ଓ ବିଷୁବ ସଂକ୍ରାନ୍ତି



**ଗଣିଆ,୧୪।୪(ସମିସ):** ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ଏବଂ ବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ବିଶେଷକରି ଗଣିଆ ରାମ ମନ୍ଦିର ଏବଂ ମହୁଖଣ୍ଡଠାରେ ଥିବା ହନୁମାନ ମନ୍ଦିରରେ ଦିନତମାମ ପୂଜାର୍ଚ୍ଚନା ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଣିଆ ରାମମନ୍ଦିର ପରିସରରେ ହନୁମାନ ଚାଳିଶା ପଠନ ସହିତ ସୁନ୍ଦରାକାଣ୍ଡ ପଠନ କରାଯାଇଥିଲା। କର୍ତ୍ତା ଭାବେ ଚିତ୍ତରଞ୍ଜନ ସାହୁ, ପୁରୋହିତ ଭାବେ ବିଶେଶ୍ୱର ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ ସୁନ୍ଦରାକାଣ୍ଡ ପଠନ କରିଥିଲେ ସାନୁଜରାମ ମିଶ୍ର, ସୁଶାନ୍ତ କୁମାର ବେହେରା ତଥା ଗଣିଆ ଶାସନ ସାହିର ଯୁବଗୋଷ୍ଠୀ, ରାମଦୟା ପରିଷଦର କର୍ମକର୍ତ୍ତା। ସେହିପରି ମହୁଖଣ୍ଡଠାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁଙ୍କ ପ୍ରଚେଷ୍ଟାରେ ନିର୍ମାଣ କରାଯାଇଥିବା ହନୁମାନ ମନ୍ଦିରରେ ଜୟନ୍ତୀ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏହି ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଉପାଧ୍ୟକ୍ଷ ରାଜକିଶୋର ସାହୁ, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରଭୁ କୃପା ଲାଭ କରିଥିଲେ। ହନୁମାନ ଜୟନ୍ତୀ ଅବସରରେ ଗଣିଆ ବ୍ଲକର ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଦଣ୍ଡ ଯାତ୍ରା ଉଦଯାପନ ହୋଇଥିବାରୁ ଦଣ୍ଡୁଆମାନେ ମନ୍ଦିର ଗୁଡିକୁ ଯାଇ ପ୍ରଭୁଙ୍କ ଦର୍ଶନ ଲାଭ କରିଥିଲେ।

### ବିଷୁବ ମିଳନ ଓ କବିତା ଆସର

## ସମ୍ବର୍ଦ୍ଧିତ ହେଲେ ନୀଳିମା, ଗୋପୀନାଥ, ରବୀନ୍ଦ୍ର

**ନୟାଗଡ଼,୧୪।୪(ସମିସ):** ନୟାଗଡ଼ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବଂଶୀଧର ସାହୁଙ୍କ ଉଦ୍ୟମରେ ଦୀର୍ଘ ବର୍ଷ ଧରି ଅନୁଷ୍ଠିତ ହେଉଥିବା ବିଷୁବ ଆସର ଆଜି ତାଙ୍କ ସୁପୁତ୍ର ଆଇନଜୀବୀ ମନୋଜ କୁମାର ସାହୁଙ୍କ ଉଦ୍ୟମରେ ଅନୁଷ୍ଠିତ ହୋଇଛ। ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଉପଲକ୍ଷ୍ୟ ବଂଶୀଧର ସ୍ମୃତି ପରିଷଦ ତରଫରୁ ତଥା ବଂଶୀଧର ଇଣ୍ଟର ନ୍ୟାସନାଲ ଫାଉଣ୍ଡେସନ ଫର୍ ପିସ୍ ଆଣ୍ଡ ଡେଭଲପମେଣ୍ଟ ଆନୁକୂଲ୍ୟରେ ୩୩ତମ ରାଜ୍ୟସ୍ତରୀୟ ବିଷୁବ ମିଳନ ଓ କବିତା ପାଠୋତ୍ସବ, ବଂଶୀଧର ମହାବିଦ୍ୟାଳୟଠାରେ ସଭାପତି ବିଦ୍ୟୁଲତା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ବଂଶୀଧର ସାହୁଙ୍କ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସୁଜାତା ସାହୁ ହନୁମାନ ଚାଳିଶା ପାଠ କରିଥିଲେ। ଉମେଶ ଚନ୍ଦ୍ର ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ, ସଭା ସଂଯୋଜନା ସୁକାନ୍ତି ମହାନ୍ତି କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବ ପ୍ରମୋଦ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ନିରାକାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ରୀନବାଳା ସାହୁ ଓ ବିଦେଶୀ ନାୟକ ଯୋଗ ଦେଇଥିଲେ। ବିଦେଶୀ ନାୟକଙ୍କୁ ବଂଶୀଧର ସ୍ମୃତି ସାରସ୍ୱତ ସମ୍ମାନ, ନୀଳିମା ନନ୍ଦଙ୍କୁ ବଂଶୀଧର ସ୍ମୃତି ସାହିତ୍ୟ ସମ୍ମାନ, କବି ଗୋପୀନାଥ ପରିଡ଼ାଙ୍କୁ ବଂଶୀଧର ସ୍ମୃତି ଯୁବ ସାହିତ୍ୟ ସମ୍ମାନ, ଅରୁଣ କୁମାର ସାହୁଙ୍କୁ ବଂଶୀଧର ସ୍ମୃତି ପତ୍ରକାର ସମ୍ମାନ, ରବୀନ୍ଦ୍ର ରାଉତଙ୍କୁ ବଂଶୀଧର ସ୍ମୃତି ଗୌରବ ସମ୍ମାନଙ୍କୁ ପ୍ରଦାନ କରା ଯାଇଥିଲା। ରଙ୍ଗନାଥ ବେହେରା, କିଶୋର ସାହୁ, ସୁଜାତା ସାହୁ, ଶେଖ୍ ଅବଦୁଲ ଖାଲିକ୍, ନିର୍ମଳଚନ୍ଦ୍ର ଶୂରଦେଓ, ଗୋଲକ ବିହାରୀ ନାଏକ, ଦେବେନ୍ଦ୍ର ନାଥ ପରମ ଗୁରୁ, ଅନିତା ସ୍ୱାଇଁ, ମମତା ମଞ୍ଜରୀ ଦେବୀ, ମାଗୁଣି ଖଣ୍ଡା, ଡ. ସୁକାନ୍ତି ମହାନ୍ତି ଇତ୍ୟାଦି ୬୦ ଜଣ କବି କବିତା ପାଠ କରିଥିଲେ। ହରପ୍ରିୟା ଦ୍ୱିବେଦୀ ଓ କ୍ଷଣପ୍ରଭା କର କବିତା ଗୁଡ଼ିକ ସଂଯୋଜନା କରିଥିଲେ। ସର୍ବଶେଷରେ ସୁକାନ୍ତି ମହାନ୍ତି ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟ ସାଙ୍ଗ କରାଯାଇଥିଲା।




## ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପତ୍ନୀଙ୍କ ଦେହାନ୍ତ

**ଭାପୁର,୧୪।୪(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭାପୁର ଆଞ୍ଚଳିକ ମହାବିଦ୍ୟାଳୟର ପ୍ରତିଷ୍ଠାତା ସେନା ଅଧିକାରୀ ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ବରାଡଙ୍କ ଧର୍ମପତ୍ନୀ ଅନ୍ନପୂର୍ଣ୍ଣା ବରାଡଙ୍କ ସୋମବାର ଦିନ ମୃତ୍ୟୁ ହୋଇଯାଇଛି। ସେ ତାଙ୍କ ଭୁବନେଶ୍ୱର ବାସଭବନରେ ଗାଧୁଆ ଘରେ ପଡି ଗୁରୁତର ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ସୋମବାର ମଧ୍ୟାହ୍ନ ରେ ମୃତ୍ୟୁବରଣ କରିଥିଲେ। ତାଙ୍କ ମରଶରୀରକୁ ଭାପୁର ଗ୍ରାମକୁ ଅଣାଯାଇ ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ତାଙ୍କର ଚାରିପୁଅ ଓ ଗୋଟିଏ ଝିଅ ଅଛନ୍ତି। ବଡପୁଅ ଦୀପକ ବରାଡ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ନାଣ୍ଡି ପାହାଡ଼ ଶୀର୍ଷରେ ଶୁଭ ଫଳକ ସ୍ଥାପନ

### ନିର୍ମାଣ ହେବ ହନୁମାନ ବାଟିକା

**ଓଡ଼ଗାଁ,୧୪।୪(ସମିସ):** ନୟାଗଡ଼ ଜିଲ୍ଲା ଗୁପ୍ତ ଅଯୋଧ୍ୟା ଓଡ଼ଗାଁର କଦଳୀବନ୍ଧ ନିକଟ ରଗଡ଼ିସାହି ନାଣ୍ଡି ପାହାଡ଼ରେ ହନୁମାନ ବାଟିକା ନିର୍ମାଣ ପାଇଁ ହନୁମାନ ବାଟିକା କ୍ରିୟାନୁଷ୍ଠାନ କମିଟି ଓଡ଼ଗାଁ ପକ୍ଷରୁ ପାହାଡ଼ ଶିଖରରେ ମଙ୍ଗଳବାର ଶୁଭ ଫଳକ ସ୍ଥାପନ କରାଯାଇଛି। ପୂର୍ବାହ୍ନରେ ଓଡ଼ଗାଁର ଆରାଧ୍ୟ ଠାକୁର ଶ୍ରୀରଘୁନାଥଜିଉଙ୍କ ଫଟୋଚିତ୍ର ସହିତ ଆଜ୍ଞାମାଳ ନେଇ କମିଟିର ସଭ୍ୟ ମାନେ ଘଣ୍ଟ ଘଣ୍ଟା ବଜାଇ ଜୟ ଶ୍ରୀରାମ ଏବଂ ଜୟ ହନୁମାନଙ୍କ ନାମ ନେଇ ପ୍ରାୟ ୩ କିଲୋମିଟର ପଥ ଚାଲି ଚାଲି ଯାଇ ନାଣ୍ଡି ପାହାଡ଼ରେ ପହଞ୍ଚିଥିଲେ। ଆଜି ମହାବିଷୁବ ସଂକ୍ରାନ୍ତି ରାମ ଭକ୍ତ ହନୁମାନଙ୍କ ଜନ୍ମଦିନ ଅବସରରେ ବୈଦିକ ବିଧାନ ଅନୁସାରେ ହନୁମାନ ବାଟିକା ନିର୍ମାଣର ଶୁଭ ଫଳକ ସ୍ଥାପନ ହୋଇଥିଲା। ହନୁମାନ ବାଟିକା କ୍ରିୟାନୁଷ୍ଠାନ କମିଟି ତରଫରୁ ସୁଶାନ୍ତ କୁମାର ସାହୁ, ସନ୍ତୋଷ କୁମାର ପ୍ରଧାନ, ମାନସ ରଞ୍ଜନ ସାହୁ, ଜଗନ୍ନାଥ ପାଣିଗ୍ରାହୀ, ଅଚ୍ୟୁତାନନ୍ଦ ପଣ୍ଡା, କୃଷ୍ଣଚନ୍ଦ୍ର ବରାଡ, ରାଜେଶ ସେଠୀ, ବାଦଲ ମହାରଣା ପ୍ରମୁଖଙ୍କ ଉଦ୍ୟମରେ ଶୁଭ ଫଳକ ସ୍ଥାପନ ହୋଇଥିଲା ବେଳେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ପାହାଡ଼ ଶୀର୍ଷରେ ଶ୍ରୀହନୁମାନ ଜିଉଙ୍କ ସୁଉଚ୍ଚ ମୂର୍ତ୍ତି ନିର୍ମାଣ ସହିତ ରାମାୟଣ କଥାବସ୍ତୁ ଆଧାରରେ ହନୁମାନଙ୍କ ସମ୍ପୃକ୍ତି ଥିବା ପ୍ରସଙ୍ଗ ତଥା ବିଷୟ ଭିତ୍ତିକ ସ୍ଥିରଚିତ୍ର ନିର୍ମାଣ କରାଯିବାର ଯୋଜନା ରହିଛି।




## ସାଇନ୍ ବୋର୍ଡରେ ଝୁଲୁଛି ଡାକଘର ଭବିଷ୍ୟତ

**ଗଣିଆ,୧୪।୪(ସମିସ):** ଗଣିଆ ବ୍ଲକ ବଡସିଲିଙ୍ଗା ପଞ୍ଚାୟତ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଭାରତୀୟ ବିକାଶ ପରିଷଦ ତରଫରୁ ଗତବର୍ଷ ମେ' ମାସରେ ପ୍ରାୟ ୨ ଶହରୁ ଅଧିକ ମହିଳା ଏବଂ ପୁରୁଷ ଗଣିଆ ବ୍ଲକ ସମ୍ମୁଖରେ ଦିନରାତି ଅନଶନ କରିଥିଲେ। ଅନଶନ ସ୍ଥଳରେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ସମସ୍ୟାର ସମାଧାନ କରିବାକୁ ପ୍ରତିଶୃତି ଦେଇଥିଲେ। ଏପରିକି ପଞ୍ଚାୟତର ମୁସୁଗୁଡାଠାରେ ଏକ ପୋଷ୍ଟ ଅଫିସ ଖୋଲିବା ପାଇଁ ପ୍ରତିଶ୍ରୁତି ଦେଇ ତା' ପରଦିନ ଉକ୍ତ ଗ୍ରାମରେ ସାଇନ୍ ବୋର୍ଡ ମାରି ଦିଆଗଲା। ଏପରିକି ସାଇନ୍ ବୋର୍ଡରେ ମୁସୁଗୁଡା ଡାକଘର ଖୋଲିବା ସମୟ ୧୧ ଘଟିକା ଠାରୁ ୩ ଘଟିକା ପର୍ଯ୍ୟନ୍ତ ବୋଲି ଲେଖା ମଧ୍ୟ ହୋଇଛି। କିନ୍ତୁ ପାଖାପାଖି ବର୍ଷେ ହେବ ସାଇନ୍ ବୋର୍ଡରେ ଝୁଲୁଛି ଡାକଘରର ଭବିଷ୍ୟତ। ସାଇନ୍ ବୋର୍ଡ ମାରି ଦେଇ କର୍ମଚାରୀ ନଆସିବା ସରଳ, ନୀରିହ ଆଦିବାସୀଙ୍କୁ ଉପହାସ କଲା ଭଳି ମନେ ହେଉଛି। ଆଦିବାସୀ ମାନେ ସବୁବେଳେ ଅବହେଳିତ ଅବସ୍ଥାରେ ଜୀବନ ଅତିବାହିତ କରୁଥିବା ବେଳେ ବିକାଶ ଏଠି କାଗଜପତ୍ରରେ ଚାଲିଛି। ବଡସିଲିଙ୍ଗା ପଞ୍ଚାୟତରେ ନେଟୱାର୍କ ନଥିବାରୁ ଡାକଘର ନିହାତି ଆବଶ୍ୟକ ହେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଏଥିପାଇଁ ଦାୟୀ ବୋଲି ଅଭିଯୋଗ ହୋଇଛି। ସୋମବାର ଦିନ ବିଡିଓଙ୍କ ତତ୍ତ୍ୱାବଧାନରେ ବ୍ଲକ ସଭା ଗୃହରେ ଉକ୍ତ ସମସ୍ୟା କଥା ଗ୍ରାମବାସୀ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।




## ଘୃତଯଜ୍ଞ ଓ ମହାବିଷୁବ ପଣାଯାତ୍ରା

**ଶରଣକୁଳ,୧୪।୪(ସମିସ):** ଶରଣକୁଳ ଦକ୍ଷିଣାର୍ଦ୍ଧ ସୁଆରସାହିଠାରେ ପ୍ରତିଷ୍ଠିତ ମା' ବିରଜାଇ ଦେବୀଙ୍କ ପୀଠରେ ଘୃତଯଜ୍ଞ ଓ ମହାବିଷୁବ ପଣାଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ମଙ୍ଗଳବାର ସକାଳେ ବେଦଜ୍ଞ ବ୍ରାହ୍ମଣ ତୋଷବନ୍ତ କରଙ୍କ ଦ୍ୱାରା ନିକଟସ୍ଥ କୁସୁମୀ ନଦୀରୁ ଗ୍ରାମର ମହିଳା ଓ ପୁରୁଷ ମିଶି ୧୦୮ କଳସ ଜଳ ଏକ ଶୋଭାଯାତ୍ରାରେ ଆଣି ମାଙ୍କ ପୀଠରେ ପହଞ୍ଚିଥିଲେ। କର୍ତ୍ତା ପ୍ରଶାନ୍ତ କୁମାର ମିଶ୍ର ସମେତ ଶ୍ରୀଧର ମହାପାତ୍ର ମହାପାତ୍ର, କୈଳାସ ମହାପାତ୍ର, ପ୍ରଭାତ କୁମାର ବଡ଼ପଣ୍ଡା, କାଳୁ ଚରଣ ଦାଶ ପ୍ରମୁଖ ବ୍ରାହ୍ମଣମାନେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ମନ୍ଦିର ପୂଜକ କେଶୁ ମହାପାତ୍ର ମାଙ୍କୁ ପୂଜାର୍ଚ୍ଚନା ସହିତ ମହାଆଳତି କରିବା ପରେ ଠାକୁରାଣୀଙ୍କ ଚଳନ୍ତି ପ୍ରତିମା ବ୍ୟାଘ୍ର ବିମାନରେ ଉପବେସନ କରି ଏକ ପାଟୁଆରରେ ଭୋଗଲାଗି ପାଇଁ ବାହାରିଥିଲେ। ୩ ଦିନ ଧରି ଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଶେଷ ଦିନ ପଣା ପର୍ବ ପାଳିତ ହୋଇଥିଲା।

## ସେମିଫାଇନାଲରେ ରଙ୍ଗଣୀପାଟଣା

**ଓଡ଼ଗାଁ,୧୪।୪(ସମିସ):** ନୟାଗଡ଼ ଜିଲ୍ଲାର ଓଡ଼ଗାଁ ସ୍ଥିତ ମିନି ଷ୍ଟାଡିୟମରେ ରଘୁନାଥ ଆଥଲେଟିକ୍ ଆସୋସିଏସନ (ଆର୍‌ଏଏ) ପକ୍ଷରୁ ଆୟୋଜିତ ପ୍ରଥମ ଅଣ୍ଡର ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗବାର ଓଡ଼ଗାଁ (ବି) ଦଳ ସହିତ ରଙ୍ଗଣୀପାଟଣା ଦଳ ମଧ୍ୟରେ ଅନ୍ୟ ଏକ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ରଙ୍ଗଣୀପାଟଣା ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୧୨ ଓଭରରେ ୮ ୱିକେଟ ବିନିମୟରେ ୧୧୬ ରନ୍ ସଂଗ୍ରହ କରିଥିଲା ବେଳେ ଏହାର ପ୍ରତିବାଦରେ ଓଡ଼ଗାଁ (ବି) ଦଳ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୬୧ ରନରେ ସୀମିତ ରହିଥିଲେ। ଫଳରେ ରଙ୍ଗଣୀପାଟଣା ଦଳ ବଡ଼ ବ୍ୟବଧାନରେ ମ୍ୟାଚ୍ ଜିତି ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ବିଜୟୀ ଦଳର କାହ୍ନା ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ଭେଟରାନ କ୍ରିକେଟ୍ ଖେଳାଳି ପ୍ରମୋଦ ପ୍ରଧାନ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ମନ୍ଦିରରେ ଦଣ୍ଡୁଆଙ୍କ ମୃତ୍ୟୁ

**ଖଣ୍ଡପଡ଼ା,୧୪।୪(ସମିସ):** ଖଣ୍ଡପଡ଼ା ସହରର ଆରାଧ୍ୟ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ବେଢାରେ ସୋମବାର ରାତି ୩ ଟାରେ ଦଣ୍ଡୁଆ ରାମଚନ୍ଦ୍ର ମହାନ୍ତିଙ୍କ ହୃଦ୍‌ଘାତରେ ପରଲୋକ ହୋଇଥିବା ଜଣାଯାଇଛି। ମା' ବେଢାକାଳୀ ମନ୍ଦିର ବେଢା ପରିକ୍ରମା କରିବା ବେଳେ ରାମଚନ୍ଦ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ହଠାତ ଚେତାଶୂନ୍ୟ ହୋଇ ତଳେ ଖସି ପଡିଥିଲେ। ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ। ସଙ୍ଗେ ସଙ୍ଗେ ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ମୃତ ରାମଚନ୍ଦ୍ରଙ୍କ ଘର ଖଣ୍ଡପଡା ସହରର ୧୩ ନଂ ୱାର୍ଡ ଅଧୀନ ଉମାଦେବୀ ସାହିରେ ବୋଲି ଜଣାପଡିଛି। ଏହି ଘଟଣାକୁ ନେଇ ଖଣ୍ଡପଡା ଅଞ୍ଚଳରେ ଶୋକପ୍ରକାଶ ପାଇଥିବା ବେଳେ ସମସ୍ତ ଦଣ୍ଡୁଆମାନେ ଦୁଃଖ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପରିସରକୁ ସୌଧ କରାଯାଇ ବହୁ ବିଳମ୍ବରେ ବିଗ୍ରହଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା।

## ନିଶା ପାଇଁ ବଢୁଛି ଅପରାଧ

**ନୟାଗଡ଼,୧୪।୪(ସମିସ):** ନୟାଗଡ଼ ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ପରିମାଣର ଦେଶୀ ମଦ, ଗଞ୍ଜେଇ ଓ ଡ୍ରଗ୍ସ କାରବାର ହେଉଛି। ନିଶା ସେବନ କରି ଅନେକ ଯୁବକ ଅପରାଧ ଘଟାଇବାକୁ ପଛାଉନାହାନ୍ତି। ପୁଲିସ ଓ ଅବକାରୀ ବିଭାଗ ନିଶା କାରବାର ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେଉନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ନିଶା ସେବନକାରୀମାନେ ଚୋରୀ, ଡକାୟତୀ ଓ ରାହାଜାନୀ କରିବାକୁ ପଛାଉ ନାହାନ୍ତି।

## ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ

**ରଣପୁର,୧୪।୪(ସମିସ):** ନୟାଗଡ ଜିଲ୍ଲା ରଣପୁର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ତଥା ଓଡିଆ ନବବର୍ଷ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ହନୁମାନ ମନ୍ଦିର ଗୁଡ଼ିକରେ ସକାଳୁ ସକାଳୁ ଭକ୍ତଙ୍କ ପୂଜାର୍ଚ୍ଚନା ପାଇଁ ଭିଡ ଜମିଥିଲା। ବିଶେଷ କରି ରାଜସୁନାଖଳା ଗୋପୀନାଥପୁର ସାହି ଏବଂ ସୁର୍କାବାଡ଼ି ସ୍ଥିତ ହନୁମାନଙ୍କ ପୀଠରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବାବାଙ୍କୁ ସିନ୍ଦୂର ଲେପନ, ଚନ୍ଦନ ଓ ଫୁଲରେ ଭବ୍ୟ ବେଶ କରାଯିବା ସହ ଶ୍ରଦ୍ଧାଳୁମାନେ ସାମୂହିକ ହନୁମାନ ଚାଳିଶା ପାଠ କରିଥିଲେ। ଓଡିଆ ନବବର୍ଷର ପ୍ରଥମ ଦିନ ହୋଇ ଥିବାରୁ ଘରେ ଘରେ ପଣା ପାନ ସହ ବୀର ମହାବୀରଙ୍କ ପୂଜା କରି ଓଡ଼ିଶାବାସୀ ନୂତନ ବର୍ଷର ଶୁଭାରମ୍ଭ କରିଛନ୍ତି। ଏଥି ସହିତ ବିଭିନ୍ନ କମିଟି ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା।

## ୪ ପୀଡ଼ିତା ଉଦ୍ଧାର; ପରିବାରକୁ ହସ୍ତାନ୍ତର

**ଓଡ଼ଗାଁ,୧୪।୪(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଏବଂ ଶରଣକୁଳ ଥାନା ଅଞ୍ଚଳରୁ ବିଭିନ୍ନ ସମୟରେ ଅପହୃତା ହୋଇଥିବା ୪ ଜଣ ପିଡ଼ିତା ବାଳିକାଙ୍କୁ ଉଭୟ ଥାନା ପୁଲିସ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶରଣକୁଳ ପୁଲିସ ଜଣେ ନାବାଳିକାଙ୍କୁ ଫତେଗଡ ଥାନା ଜଗନ୍ନାଥ ପ୍ରସାଦପାଣ୍ଡି ଅଞ୍ଚଳରୁ ଏବଂ ଅନ୍ୟ ଜଣଙ୍କୁ ଭୁବନେଶ୍ୱର ଉତ୍ତରା ଅଞ୍ଚଳରୁ ଉଦ୍ଧାର କରିଥିବା ବେଳେ ଓଡ଼ଗାଁ ଆଦର୍ଶ ଥାନା ପୁଲିସ ନୟାଗଡ଼ ନୂଆଗାଁ ଥାନା ଅଞ୍ଚଳରୁ ଏବଂ ଇଟାମାଟି ଥାନା ଅଞ୍ଚଳରରୁ ୨ ଜଣ ପିଡ଼ିତାଙ୍କୁ ଉଦ୍ଧାର କରିଛନ୍ତି।

## ସିପିଆଇ(ଏମ୍) ପକ୍ଷରୁ ଆମ୍ବେଦକର ଜୟନ୍ତୀ

**ରଣପୁର, ୧୪।୪(ସମିସ):** ବାବା ସାହେବ୍ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ସିପିଆଇ (ଏମ) ତରଫରୁ ରଣପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଠେଙ୍ଗା ବୀର ପୀଠରେ ଶୁଶିଳ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଶତାଧିକ ପୁରୁଷ, ମହିଳା, ଛାତ୍ର ଓ ଯୁବକମାନେ ଯୋଗ ଦେଇଥିଲେ। ଏହି ସଭାରେ ସିପିଆଇ (ଏମ) ନେତା ନିତ୍ୟାନନ୍ଦ ପରିଡ଼ା, ଦୁଃଶାସନ ଜେନା, ସୁରେଶ ସ୍ୱାଇଁ, ନିରଞ୍ଜନ ରାଉତରାୟ, ଗଦାଧର ପ୍ରଧାନ, ମହେନ୍ଦ୍ର ସାହୁ, ବିନୋଦ ନାୟକ, ପ୍ରଭାକର ନାୟକ, ରଞ୍ଜନ ନାୟକ ଓ ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ

ନୟାଗଡ଼,୧୪।୪(ସମିସ)

ଜିଲ୍ଲାସ୍ତରୀୟ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ଉତ୍ସବ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାଳନ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଜୟେନ୍ଦ୍ର ବେହେରା ସଂଚାଳନ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ, ଛାତ୍ରୀଛାତ୍ର, ସାମ୍ବାଦିକ, ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ।

**ଓଡ଼ଗାଁ :** ନୟାଗଡ଼ ଜିଲ୍ଲା ଡ.ବିଆର୍ ଆମ୍ବେଦକର ସେବକ ସଂଘ ଏବଂ ଭୀମଆର୍ମି ଭାରତ ଏକତା ମିଶନ ଆନୁକୂଲ୍ୟରେ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ପାଳନ ଅବସରରେ ଓଡ଼ଗାଁ ଥାନାଠାରୁ ବାହାଡ଼ାଝୋଲା ମାଣିକପାଟଣା ହାଟଛକ ପର୍ଯ୍ୟନ୍ତ ମଙ୍ଗଳବାର ଏକ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ସଭାପତି ଚରଣ ନାୟକ ଓ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଆୟୋଜିତ ଶୋଭାଯାତ୍ରା ବାହାଡ଼ାଝୋଲା ହାଟ ପଡ଼ିଆଠାରେ ପହଞ୍ଚିବା ପରେ ଡ.ଭୀମରାଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରୀ ସଭାପତି ଦୈତାରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ଇଂ. ପ୍ରମୋଦ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲା ବେଳେ ଭୁବନେଶ୍ୱର ନିଶ୍ୱାସ କଲେଜ ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଗଣେଶ୍ୱର ନାୟକ, ସମ୍ପାଦକ କେଦାରନାଥ ନାୟକ, ସଂଘ ପରାମର୍ଶ ଦାତା ସୁବଳ ନାୟକ, ନାରୀନେତ୍ରୀ ସୁମିତ୍ରା ନାୟକ, ଗଣିଆ ସଭାପତି ଝୁନୁବାଳା ନାୟକ, ଭୀମଆର୍ମିର ଜିଲ୍ଲା ସଭାପତି ଖିରୋଦ କୁମାର ନାୟକ, ଉପସଭାପତି କେଦାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଓଡ଼ଗାଁ କଂଗ୍ରେସ ଦଳ ପକ୍ଷରୁ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଓଡ଼ଗାଁ ବ୍ଲକ ଗୋଡିପଡ଼ାଠାରେ ସ୍ଥାନୀୟ ସମର୍ଥକଙ୍କ ସହାୟତାରେ ମଧ୍ୟ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି।

**ନୟାଗଡ଼ :** ପ୍ରଦେଶ କଂଗ୍ରେସ ନିଷ୍ପତି ଅନୁସାରେ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ନୟାଗଡ଼ ଜିଲ୍ଲା ପ୍ରତ୍ୟେକ ବ୍ଲକ ପୌରାଞ୍ଚଳରେ ପୃଥକପୃଥକ ଭାବେ ଅନୁଷ୍ଠିତ ହୋଇ ଯାଇଛି। ଏହି ପରିପ୍ରେକ୍ଷୀରେ ଡିସିସି କାର୍ଯ୍ୟାଳୟଠାରେ ନୟାଗଡ଼ ମ୍ୟୁନିସିପାଲିଟି କଂଗ୍ରେସ ସଭାପତି ରାଜକିଶୋର ଜେନାଙ୍କ ଆବାହତ୍ୱରେ ଆୟୋଜିତ ଜୟନ୍ତୀରେ ଏଆଇସିସି ମୁଖପାତ୍ର ଡ. ହାମିଦ ହୁସେନ, ଡିସିସି ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ ଦାଶ, ଡିସିସି ଉପସଭାପତି ଲକ୍ଷ୍ମୀଧର ତ୍ରିପାଠୀ, ଫକୀର ଚରଣ ମଲ୍ଲ, ଡିସିସି ସାଧାରଣ ସମ୍ପାଦକ ଆଇନଜୀବୀ ପୀତବାସ ଖୁଣ୍ଟିଆ, କୂଳେଶ କୁମାର ମହାନ୍ତି, ବ୍ରଜକିଶୋର ଲେଙ୍କା, ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ପ୍ରତୀକ ମହାପାତ୍ର, ଡିସିସି ଅନୁସୂଚିତ ଜାତି ଅଧ୍ୟକ୍ଷ ଜିତେନ୍ଦ୍ର ଦଳେଇ, ଯୁବ ଆଇନଜୀବୀ ଅଖିଳ କୁମାର ନାୟକ, ଛାତ୍ର କଂଗ୍ରେସ କାର୍ଯ୍ୟକର୍ତ୍ତା ଅରବିନ୍ଦ ପାଢ଼ୀ ଏବଂ ସୁରେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।



# ଅଗ୍ନିଶମ ସପ୍ତାହ ପାଳନ ଉପଲକ୍ଷେ ସଚେତନତା



ଖୋର୍ଦ୍ଧା,୧୪।୪(ଫଟୋ): ପ୍ରତିବର୍ଷ ଦେଶବ୍ୟାପୀ ପାଳିତ ହେଉଛି ଅଗ୍ନିଶମ ସୁରକ୍ଷା ସପ୍ତାହ ଓ ସହିଦ ଦିବସ। ଏପ୍ରିଲ୍ ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ଅଗ୍ନିଶମ ସପ୍ତାହ ପାଳନ କରାଯାଏ। ଚଳିତ ବର୍ଷର ଥିମ୍ ରହିଛି ଶିକ୍ଷାନୁଷ୍ଠାନ ଓ ଚିକିତ୍ସାଳୟକୁ ସୁରକ୍ଷିତ ରଖିବା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ଖୋର୍ଦ୍ଧା ଅଗ୍ନିଶମ କାର୍ଯ୍ୟାଳୟ ଠାରୁ ସହର ସମେତ ଉପକଣ୍ଠ ଅଂଚଳରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଅଗ୍ନିଶମ ଅଧିକାରୀ ମୀନକେତନ ବେହେରାଙ୍କ ନେତୃତ୍ୱରେ ମୁଖ୍ୟ ଆଗ୍ନିକ ପରମାନନ୍ଦ ଲେଙ୍କା, ମିଥୁନ ମାଝି, ସୌମ୍ୟ ନାୟକ, ସୂର୍ଯ୍ୟ କୁମାର ସାହୁ, ସୁଜିତ ବେହେରା ପ୍ରମୁଖ ସ୍ଥାନୀୟ ଜନସାଧାରଣଙ୍କୁ ଅଗ୍ନି ସତର୍କତା ପାଳନ ଓ ଅଗ୍ନି ଦାଉରୁ ମୁକ୍ତି ସମ୍ପର୍କେ ସଚେତନ କରିଥିଲେ। ଏଥିସହ ଯେକୌଣସି ଅଗ୍ନି ଦୁର୍ଘଟଣା ନଜରକୁ ଆସିଲେ ତୁରନ୍ତ ୧୧୨କୁ ଖବର ଦେବାକୁ ନିବେଦନ କରିଥିଲେ।

## ବେଆଇନ ଖଣି ମାଫିଆଙ୍କ ଭୂସ୍ୱର୍ଗ ଟାଙ୍ଗୀ

# ଜୟମଙ୍ଗଳପୁର-୨ ପାହାଡ଼ରେ ବେଆଇନ ବ୍ଲାଷ୍ଟିଂ; ବଢୁଛି ଅସନ୍ତୋଷ

ଖୋର୍ଦ୍ଧା,୧୪।୧(ସମିସ)

ବେଆଇନ ଖଣି ଲୁଟ୍ ଏବେ ଚିନ୍ତାର ବିଷୟ ପାଲଟିଛି। ବେଆଇନ ବ୍ଲାଷ୍ଟିଂ କରି ମାଫିଆ ମାନେ ଦୈନିକ ଶହ ଶହ ଟ୍ରକ କଳାମୁଗୁନି ପଥର ଚୋରା ଚାଲାଣ କରୁଛନ୍ତି। ବିଶେଷତଃ ଟାଙ୍ଗୀ ତହସିଲ ଅଂଚଳରେ ଦେଖାଯାଇଛି ଏଭଳି ଘଟଣା। ଟାଙ୍ଗୀ ତହସିଲ ଅନ୍ତର୍ଗତ ଜୟମଙ୍ଗଳପୁର ମୌଜାରେ ଗୋଟିଏ ଖଣି ନିୟମାନୁସାରେ ଚାଲିଥିବାବେଳେ ଅନ୍ୟ ଦୁଇଟି ପାହାଡ଼କୁ ବେଆଇନ ବ୍ଲାଷ୍ଟିଂ କରି ନଣ୍ଡା କରିସାରିଲେଣି ମାଫିଆ। ଏଠାରୁ ପଥର ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚାଲାଣ ହେଉଥିବାବେଳେ ଜାତୀୟ ରାଜପଥ ଏମାନଙ୍କ ଗଳାବାଟ ସାଜିଛି। ଦିନରାତି ହାଇୱା ଓ ଟ୍ରକ୍ ଯୋଗେ ପଥର ଚୋରା ଚାଲାଣ କରାଯାଉଛି। ମାତ୍ର ପ୍ରଶାସନ ସବୁ ଜାଣି ଚୁପ୍। ବେଆଇନ ବ୍ଲାଷ୍ଟିଂ ଓ ପଥର ଚୋରା ଚାଲାଣ ପ୍ରଭାବରେ ସ୍ଥାନୀୟ ଅଂଚଳ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁସାରେ, ଟାଙ୍ଗୀ ତହସିଲ ଅନ୍ତର୍ଗତ ଖାତାନଂ-୪୩୨, ପ୍ଲଟ ନଂ- ୧୬୩୨, କିସମ-ମୁଣ୍ଡିଆରେ ଏ୧.୩୦ ଜମିରେ ଜୟମଙ୍ଗଳପୁର-୨ କଳାପଥର ଖଣି ରହିଛି। ଏହାକୁ ବେଆଇନଭାବେ ମାଫିଆମାନେ ଲୁଟ୍ କରୁଛନ୍ତି। ପ୍ରଶାସନ ଓ ପୁଲିସ ବିଭାଗ ଜାଣତରେ କୋଟି କୋଟି ଟଙ୍କାର ଗ୍ରାନାଇଟ୍ ପଥର ଚାଲାଣ ହେଉଛି। ଏଠାରେ ବେଆଇନ ବ୍ଲାଷ୍ଟିଂ ଯୋଗୁ ନିକଟ ଅଂଚଳ ଲୋକେ ନାହିଁ ନଥିବା ହୀନସ୍ତା ହେଉଛନ୍ତି। କିଛିବର୍ଷ ପୂର୍ବେ ଏହି ଖଣିକୁ ଜନୈକ ବ୍ୟକ୍ତି ସରକାରୀ ନିୟମ ମୁତାବକ ନେଇ ଚଳାଉଥିଲେ। ମାତ୍ର ତାଙ୍କର ଅବଧି ସରିବା ପରେ ସେ ସରେଣ୍ଡର କରିଛନ୍ତି, କିନ୍ତୁ ତାଙ୍କୁ ଏନ୍ଓସି ମିଳିନଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ବିନା ଟେଣ୍ଡରରେ ମାଫିଆମାନେ ଏହି ପାହାଡ଼କୁ ଏବେ ଲୁଟ କରୁଛନ୍ତି। ଏହି ପାହାଡ ଚାରିପାଖରେ ଏକର ଏକର ଚାଷଜମି, ଆମ୍ବବଗିଚା ଓ ପ୍ରାୟ ୧କିମି ମଧ୍ୟରେ ରହିଛି ଭବାନୀପୁର, ଜୟମଙ୍ଗଳପୁର, ଜରିପୁଟ ଓ କୟଥପଲ୍ଲୀ ପ୍ରଭୃତି ଗାଁ।



ବେଆଇନ୍ ବ୍ଲାଷ୍ଟିଂ ଯୋଗୁ ଏଠାକାର ଲୋକମାନେ ଚାଷ ଜମି ଓ ବଗିଚାରେ କାମ କରିପାରୁନଥିବାବେଳେ ବ୍ଲାଷ୍ଟିଂ ଶବ୍ଦରେ ସ୍ଥାନୀୟ ଅଂଚଳରେ ଘର ଗୁଡ଼ିକ ଥରି ଉଠୁଛି। ଏପରିକି କିଛି ଘର ବ୍ଲାଷ୍ଟିଂ ଯୋଗୁ ଫାଟୁଥିବା ସ୍ଥାନୀୟ ଲୋକ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି।

ସେହିପରି ଜୟମଙ୍ଗଳପୁର-୩ ପାହାଡ଼ର ବ୍ଲାଷ୍ଟିଂ ଅନୁମତି ଗତ ମାର୍ଚ୍ଚ ମାସରୁ ସରିଥିଲେ ମଧ୍ୟ ମୁଷ୍ଟିମେୟ ବ୍ୟକ୍ତିଙ୍କ ସହଯୋଗରେ ବେଆଇନଭାବେ ମାଫିଆମାନେ ଏହି ଖଣିରୁ ବେଆଇନ ବ୍ଲାଷ୍ଟିଂ କରି ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। ସେମାନଙ୍କୁ ଧରିବାରେ ପ୍ରଶାସନ ଅକ୍ଷମ। ଖଣି ଚୋରି ପଛରେ ରାଜନୈତିକ ବ୍ୟକ୍ତି, ବଡ଼ବଡ଼ିଆଙ୍କ ହାତ ରହିଛି। ପ୍ରଶାସନ ହେଉ କି ପୁଲିସ ସବୁ ଜାଣି ଚୁପ ବସିଛନ୍ତି। ଖଣି ମାଫିଆଙ୍କ ଯୋଗୁ ଧିରେ ଧିରେ ଏ ଅଂଚଳର ସବୁଜବନାନୀ ନଷ୍ଟ ହେବାକୁ ଯାଉଛି। ଏନେଇ ସ୍ଥାନୀୟ ଲୋକ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କିଛି ଫଳପ୍ରଦ ହେଉନଥିବା କହିଛନ୍ତି। ବେଆଇନ ପଥର ଖନନ, ବ୍ଲାଷ୍ଟିଙ୍ଗ, ପଥର ଚାଲାଣ ରେ ରୋକ ଲଗାଇବାକୁ ସେମାନେ ଦାବି କରୁଛନ୍ତି।

# ନିଆଁରେ ଚାଲିଲେ ଦଣ୍ଡୁଆ

ଖୋର୍ଦ୍ଧା,୧୪।୪(ସମିସ): ଖୋର୍ଦ୍ଧା ଓ ଏହାର ଉପକଣ୍ଠରେ ମଙ୍ଗଳବାର ୨୦ରୁ ଉଦ୍ଧ୍ୱର୍ ସ୍ଥାନରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାନସିକଧାରୀ ଦଣ୍ଡୁଆ ଓ କାଳିସି ଖରାରେ ରଢ଼ ନିଆଁରେ ଚାଲି ଭକ୍ତି ଓ ବିଶ୍ୱାସର ପରାକାଷ୍ଠା ଦେଖାଇଛନ୍ତି। ଖୋର୍ଦ୍ଧା ସାମନ୍ତରାପୁର ମଙ୍ଗଳା ପୀଠ, ଉଇଲକିଶନ ନଗର ମା' ଅଁଳେଇଙ୍କ ପୀଠ, ଅରାଙ୍ଗର ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠ, ପୁରୁସାହି, ଗଡଖୋର୍ଦ୍ଧା, ଅସରଳା କାଳିକା ପୀଠ, ଜଟଣୀର ଭୀମପୁର ଶିବମନ୍ଦିର, ନିରଞ୍ଜନପୁର ସ୍ଥିତ ଦକ୍ଷିଣକାଳୀଙ୍କ ମନ୍ଦିର ପ୍ରମୁଖ ଅଂଚଳରେ ଝାମୁଯାତ୍ରା ହୋଇଥିଲା। ନିଆଁରେ ଚାଲିବା ପୂର୍ବରୁ କାଳିସ ଓ ପାଟୁଆମାନେ ତତଲା ବାଲିରେ ଗଡ଼ି ନିଆଁ ଝୁଣା ନିଜ ପାଦରେ ଖାଇଥିଲେ। ସୋମବାର ମେରୁରେ ସମସ୍ତ ପାଟୁଆ ମାଗଣ ପରେ ଗାଧୋଇ ପୀଠରେ ଅଧିଆ ପଡ଼ିଥିଲେ। ସେମାନଙ୍କ ପାଦରେ କାଳିସି ନିଆଁ ଝୁଣା ମାଡ଼ କରିଥିଲେ। ଆଜି କାଳିସି ପଟୁଆରମାନେ ମା'ଙ୍କ ଆଜ୍ଞାମାଳ ପାଇ ପଣାହାଣ୍ଡି ଝାମୁ ଚାଲିବାକୁଥିବା ଗାତରେ ରଖି ଗାଧୋଇବାକୁ ଯାଇଥିଲେ। ପରେ ସମସ୍ତେ କଜଳ, ସିନ୍ଦୁର ପିନ୍ଧି ପୀଠକୁ ଆସି ନିଆଁରେ ଚାଲିଥିଲେ। ଝାମୁ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ହୁଳୁହୁଳି, ହରିବୋଲରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା।



# ଡମଣଭୂମି କାମନା ମନ୍ଦିରରେ ଝାମୁଯାତ୍ରା

ନିରାକାରପୁର,୧୪।୪(ସମିସ): ଡମଣଭୂମି ଅଞ୍ଚଳରେ ଥିବା ମା' କାମନାଙ୍କ ପୀଠରେ ଆଜି ପଣା ସଂକ୍ରାନ୍ତି ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୪ଦିନ ଧରି କଠିନ ବ୍ରତ ଓ ନିଷ୍ଠାରେ ରହିଥିବା ଭକ୍ତମାନେ ଆଜି ଜଳନ୍ତା ଅଙ୍ଗାର ବା ନିଆଁଖନ୍ଦାରେ ଚାଲିଥିଲେ। ଆଜି ସେମାନଙ୍କର ବ୍ରତର ଉଦଯାପନୀ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ସହ ଏହି ରୋମାଞ୍ଚକର ଝାମୁଯାତ୍ରା ଦେଖିବା ପାଇଁ ଭିଡ଼ ଜମାଇଥିଲେ। ଝାମୁ ଚଲା ଦେଖିବା ପରେ ଶ୍ରଦ୍ଧାଳୁମାନେ ମା'ଙ୍କ ନିକଟରେ ପଣା ଭୋଗ କରି ସୁଖସମୃଦ୍ଧି କାମନା କରିଥିଲେ।



# ପଞ୍ଚୁଗାଁରେ ସାଂସଦ ମାନସଙ୍କୁ ବିପୁଳ ସମ୍ବର୍ଦ୍ଧନା

## ଅଞ୍ଚଳର ବିକାଶ ପାଇଁ ଦଳୀୟ କର୍ମୀଙ୍କ ସହ ଆଲୋଚନା




ଗମ୍ଭାରୀମୁଣ୍ଡା,୧୪।୪(ସମିସ): ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ବିଜେଡି ରାଜ୍ୟସଭା ସଂସଦୀୟ ଦଳ ନେତା ଭାବେ ମାନସ ମଙ୍ଗରାଜଙ୍କୁ ମନୋନୀତ କରିବା ପରେ ଚିଲିକା ବିଜେଡିରେ ଆଜି ଆନନ୍ଦର ଲହରୀ ଖେଳିଯାଇଛି। ଶ୍ରୀ ମଙ୍ଗରାଜ ସଂସଦୀୟ ଦଳର ନେତା ହେବାପରେ ପ୍ରଥମଥର ପାଇଁ ପଣା ସଂକ୍ରାନ୍ତି ବା ଓଡ଼ିଆ ନବବର୍ଷରେ ବାଣପୁର ବ୍ଲକ ଗସ୍ତରେ ଆସିଛନ୍ତି। ସାଂସଦ ଶ୍ରୀ ମଙ୍ଗରାଜ ପ୍ରଥମେ ନାଚୁଣୀ ପଞ୍ଚାୟତ ସୁନାଖଳା ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ପହଞ୍ଚିବା ପରେ ସେଠାରେ ଶତାଧିକ ଦଳୀୟ କର୍ମୀ ଶ୍ରୀ ମଙ୍ଗରାଜଙ୍କୁ ଫୁଲତୋଡ଼ା ଉତ୍ତରୀୟ ଦେବାସହ ବିଜେଡି କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। ସେଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ଏହା ପରେ ପରେ ଗମ୍ଭାରୀମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଁଚିବା ପରେ ସେଠାରେ ବିଜୁଜନତା ଦଳର କର୍ମୀମାନେ ପାଛୋଟି ନେଇଥିଲେ। ତୋରସିଂହ ପଞ୍ଚାୟତ ପଞ୍ଚୁଗାଁଠାରେ ପହଞ୍ଚିବା ପରେ ସେଠାରେ ବିଜୁଜନତା ଦଳର କର୍ମୀ ଓ ଗ୍ରାମବାସୀ ବାଜା ବଜାଇ ବାଣ ଫୁଟାଇ ପାଛୋଟି ନେଇଥିଲେ। ମା' ତାରିଣୀ ମନ୍ଦିରଠାରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞରେ ମା'ଙ୍କର ଆଶୀର୍ବାଦ ନେଇଥିଲେ ଓ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିବା ସହ ମହାଯଜ୍ଞ କୁଣ୍ଡରେ ପୁଷ୍ପାଞ୍ଜଳି ଦେଇଥିଲେ।

# ହନୁମାନ ଚାଳିଶା ପାଠ, ପଣା ପିଆରେ କଟିଲା ଦିନ



ଖୋର୍ଦ୍ଧା,୧୪।୪(ସମିସ): ପବିତ୍ର ମହାବୀର ଜୟନ୍ତୀ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ମଙ୍ଗଳବାର ଚଳଚଂଚଳ ଥିଲା ଖୋର୍ଦ୍ଧା ସହର ଓ ଏହାର ଉପକଣ୍ଠ। ହନୁମାନ ଚାଳିଶା ପାଠରେ ଗୁଞ୍ଜରିତ ହୋଇଥିଲା ପୁରା ଜିଲ୍ଲା। ସକାଳୁ ଦେବାଦେବୀଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଲମ୍ବା ଲାଇନ ଦେଖାଯାଇଥିଲା। ଘରେ ଘରେ ଭଳିକି ଭଳି ପିଠାପଣା ସହ କେତେକ ମନ୍ଦିରରେ ମାଗଣା ପ୍ରସାଦ ଓ ପଣା ବଂଟନ କରାଯାଇଥିଲା। ସେହିପରି ବସୁନ୍ଧରା ଘଡି ପୂଜାପର୍ବ ପାଳନ କରାଯାଇଛି। ପ୍ରାକ୍ତନ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କୁହନ୍ତି, ତୁଳସୀ ବିଷ୍ଣୁବଲ୍ଲଭା ନାମରେ ପରିଚିତ। ବୃକ୍ଷ ମଧ୍ୟରେ ଶ୍ରେଷ୍ଠ। ଖରାର ପ୍ରକୋପ ବଢୁଥିବାରୁ ଏହିଦିନ ସୂର୍ଯ୍ୟ ଦେବତାଙ୍କୁ ପଣା ସମର୍ପଣ କଲେ ଖରାର ପ୍ରକୋପ ହ୍ରାସ ପାଇଥାଏ ବୋଲି ବିଶ୍ୱାସ ରହିଛି। ଗ୍ରୀଷ୍ମ ପ୍ରବାହ ସମୟରେ ତୁଳସୀଙ୍କୁ ଶୀତଳତା ପ୍ରଦାନ ପାଇଁ ଏହି ପରମ୍ପରା କାହିଁ କେଉଁ କାଳରୁ ଚାଲିଆସୁଛି। ଏଥିସହିତ ଆଜିକା ଦିନରେ ଭଗବାନଙ୍କୁ ପଣାଲାଗି କରାଯିବା ସହ ନୂଆ ପାଞ୍ଜି ପଢ଼ାଯାଇଥାଏ ବୋଲି ସେ କହିଛନ୍ତି।

# ମା' ତାରିଣୀଙ୍କ ବାର୍ଷିକ ଉତ୍ସବ

ବେଗୁନିଆ,୧୪।୪(ସମିସ): ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ କୋଲୁହାପାଟଣା ଗ୍ରାମର ଆରାଧ୍ୟ ବାବା ସ୍ୱପ୍ନେଶ୍ୱର ଦେବଙ୍କ ମନ୍ଦିର ପରିସର ମା' ତାରିଣୀଙ୍କ ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞାଚାର୍ଯ୍ୟ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଲକ୍ଷ୍ମୀଧର ସାହୁ ଓ ପତ୍ନୀ



ପ୍ରମିଳା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପ୍ରାରମ୍ଭରେ ଗ୍ରାମର ଝର ପୋଖରୀରୁ କଳସ ଶୋଭାଯାତ୍ରା ଗ୍ରାମ୍ୟ ପରିକ୍ରମା କରି ଯଜ୍ଞ ସ୍ଥଳରେ ସ୍ଥାପନ ହୋଇଥିଲା। ଏହି କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ସମୟରେ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ଯଜ୍ଞ ନାରାୟଣଙ୍କ ଆଶୀର୍ବାଦ ନେଇଥିଲେ। ସନ୍ଧ୍ୟାରେ ପୁରୀ ବେହେରା ସାହିର ପ୍ରବଚକ ଗୋଲକ ବିହାରୀ ଶତପଥି ହରିନାମର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ଶ୍ରମିକ ମୃତ

ବେଗୁନିଆ,୧୪।୪(ସମିସ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ବାଘମାରୀ ସ୍ଥିତ ଇଟାଫ୍ୟାକ୍ଟ୍ରି ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅଞ୍ଚଳର ବୃଷଭ ଭୋଇଙ୍କ ପୁଅ ମହେନ୍ଦ୍ର (୩୫)। ଗାଡ଼ି ଧକ୍କାରେ ରକ୍ତ ଜୁଡୁବୁଡୁ ହୋଇ ରାସ୍ତାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକ ଦେଖି ବାଘମାରୀ ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଥିଲେ। ବାଘମାରୀ ଥାନା ଅଧିକାରିଣୀ ସୁଚିତ୍ରା ଜେନାଙ୍କ ସୂଚନା ଅନୁଯାୟୀ, ମୃତକ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅମ୍ବୁଦୁଲହବସପୁର ଗ୍ରାମର ବୃଷଭ ଭୋଇଙ୍କ ପୁଅ ମହେନ୍ଦ୍ର (୩୫)। ସେ ତେବେ ପୁରୀ ଜିଲ୍ଲା ନିମାପଡ଼ାରେ ଏକ ରାଇସ୍ ମିଲରେ ଶ୍ରମିକ ଭାବେ କାମ କରୁଥିଲେ। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ଶ୍ରୀ ଉମାମହେଶ୍ୱରଦେବଙ୍କ ପୀଠରେ ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ

ବାଲୁଗାଁ,୧୪।୪(ସମିସ): ବାଲୁଗାଁ ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ପଣା ସଂକ୍ରାନ୍ତି ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ସମାରୋହରେ ପାଳିତ ହୋଇଯାଇଛି। ହଜାର ହଜାର ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ କରିବା ପରେ ହନୁମାନଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା ପରେ ପଣା ଭୋଗ ବଣ୍ଟନ ହୋଇଥିଲା। ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ମଙ୍ଗଳବାରରେ ପଣାଯାତ୍ରା ପାଳିତ ହୋଇଥିବା ବେଳେ ବୁଧବାରରେ ଅଷ୍ଟଶମ୍ଭୁ ମେଳଣ ଅନୁଷ୍ଠିତ ହେବ। ଏଥିନିମନ୍ତେ ବିଭିନ୍ନ ପ୍ରାନ୍ତରରୁ ଦେବାଦେବୀ ମାନେ ସୁସଜ୍ଜିତ ଦୋଳ ବିମାନରେ ମଙ୍ଗଳବାର ବିଳମ୍ବିତ ରାତ୍ରରେ ପାଟପଟୁଆର ସହିତ ଆଗମନ କରିଛନ୍ତି। ରାତ୍ର ତମାମ ସାଂସ୍କୃତିକ କାର୍ଯ୍ୟ ପରିବେଷଣ ହୋଇଛି। ବୁଧବାର ଦିନ ତମାମ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସଂଧ୍ୟାରେ ମେଳଣ ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳା ନିମନ୍ତେ ବ୍ୟାପକ ପୁଲିସ ମୁତୟନ କରାଯାଇଅଛି।

# ମହାପାଟଦେଈ କାଳିକା ଦେବୀ ମହୋତ୍ସବ ଉଦଯାପିତ




ବେଗୁନିଆ,୧୪।୪(ସମିସ):ବେଗୁନିଆସଦରମହକୁମାସ୍ଥିତଦୁର୍ଗାପୂଜାମଣ୍ଡପନିକଟରେତୃତୀୟ ବାର୍ଷିକ ମହା ପାଟଦେଈ କାଳିକା ଦେବୀ ମହୋତ୍ସବ ଉଦ୍ଯାପିତ ହୋଇଛି। କମିଟିର ସଭାପତି ସୁଶାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା ଓ ଲୋକନାଥ ଜେନାଙ୍କ ସଂଯୋଜନାରେ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ସମାଜସେବୀ ଦିଲ୍ଲୀପ କୁମାର ପଟ୍ଟନାୟକ, ମହେନ୍ଦ୍ର ନାୟକ, ବାବୁଲା ସାହୁ ଓ ଲିଙ୍ଗରାଜ ସାହୁଙ୍କ ସମେତ ଅତିଥିମାନେ ଯୋଗଦେଇ ମହୋତ୍ସବ ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପରେ ସ୍ଥାନୀୟ କଳାକାରଙ୍କ ନୃତ୍ୟ, ନାଳନ୍ଦା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ, ବିଏମ ଭାଗବତଙ୍କ ଦ୍ୱାରା ଭଜନ, ଓଡ଼ିଶା କଳା ସଂସ୍କୃତି ବିଭାଗ ପକ୍ଷରୁ ଗଞ୍ଜାମ ଶ୍ରୀ ବାଲୁଙ୍କେଶ୍ୱର ପଶୁମୁଖା ଘଣ୍ଟ ମୃଦଙ୍ଗ ପାର୍ଟି ଓ ବୌଦ୍ଧ କଟକଟିଆ ସମ୍ବଲପୁରୀ ନୃତ୍ୟ ପରିବେଷଣରେ ଦର୍ଶକଙ୍କୁ ଆକର୍ଷିତ କରିଥିଲା। କାର୍ଯ୍ୟକ୍ରମକୁ ବିଶ୍ୱନାଥ ସୁନ୍ଦରାୟ, କ୍ଷୀରୋଦ ପରିଡ଼ା ଓ ଶିକ୍ଷକ ସରୋଜ କୁମାର ବେହେରା ପରିଚାଳନା କରିଥିଲେ।

# ଯୁବପିଢ଼ି ସାହିତ୍ୟ ମନସ୍କ ହେବା ଜରୁରୀ

ଖୋର୍ଦ୍ଧା,୧୪।୪(ସମିସ)



ଖୋର୍ଦ୍ଧାରେ ବିଷୁବ ମିଳନ ଓ ଓଡ଼ିଆ ନବବର୍ଷ ସମାରୋହ

ସ୍ଥାନୀୟ ଗୀତା ଭବନ ସଭାଗୃହରେ ସୋମବାର ବିଷୁବ ମିଳନ ଓ ଓଡ଼ିଆ ନବବର୍ଷ ସମାରୋହ ଅନୁଷ୍ଠିତ ହୋଇଛି। ଉଦ୍ଘାଟକ ଭାବେ ବିଶିଷ୍ଟ କଥାଶିଳ୍ପୀ ଡ. ପ୍ରଦ୍ୟୁମ୍ନ ପାଳ ଯୋଗଦେଇ ଉଦ୍ଘାଟନ କରିବା ସହ ଖୋର୍ଦ୍ଧାର ଇତିହାସ, ସାହିତ୍ୟ ଓ ଓଡ଼ିଆ ଅସ୍ମିତାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜର ସଭାପତି ତଥା ବରିଷ୍ଠ କଥାଶିଳ୍ପୀ ଡ. ସୁରେଶ ଛୋଟରାୟଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ସତ୍ୟନାରାୟଣ ମହାପାତ୍ର ଯୋଗଦେଇ ଲୌକିକ ଓ ବୌଦ୍ଧିକ ସାହିତ୍ୟ ସୃଷ୍ଟି କରିବା ଉପରେ ଆଲୋକପାତ କରି ଯୁବପିଢ଼ି ସାହିତ୍ୟ ମନସ୍କ ହେବାକୁ ଗୁରୁତ୍ୱାରୋପ କରିଥିଲେ। ତେଣୁ ଆଜିର ସାହିତ୍ୟ ସମାଜ ଉପଯୋଗୀ ହେବା ସହ ଭବିଷ୍ୟତର ସମାଜକୁ ସମୃଦ୍ଧ କରିବା ପାଇଁ ପ୍ରେରଣାଦାୟୀ ହେବ ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ରମେଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ସମାଜରେ ସୁସ୍ଥ ପରମ୍ପରା ବଜାୟ ରଖିବାକୁ ଭାଷା ସାହିତ୍ୟ ଓ ସଂସ୍କାରମୂଳକ କାର୍ଯ୍ୟର ଯଥେଷ୍ଟ ଗୁରୁତ୍ୱ ରହିଛି। ସମସ୍ତେ ମାଆ, ମାଟି ଓ ମାତୃଭାଷାକୁ ପ୍ରାଣ ଭରି ଭଲ ପାଇବା ଆବଶ୍ୟକ ବୋଲି କହିଥିଲେ। ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜର ସମ୍ପାଦକ ଜ୍ଞାନ ରଞ୍ଜନ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ଭାଷାବିତ୍ ଓ ସାହିତ୍ୟିକ କୃପାସିନ୍ଧୁ ବିଶ୍ୱାଳଙ୍କୁ ଖୋର୍ଦ୍ଧା ବିଷୁବ ସମ୍ମାନ-୨୦୨୬ ଓ ଅନ୍ୟତମ ବରିଷ୍ଠ ଭାଷାବିତ୍ ଓ ସାହିତ୍ୟକ ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ ତୃତୀୟ ଯମେଶ୍ୱର କହଲସିଂହ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ପ୍ରଥମ ଅଧିବେଶନରେ କବି ଡ. ପ୍ରଫୁଲ୍ଲ ସାମନ୍ତରାୟଙ୍କ ପୌରୋହିତ୍ୟରେ କବି ଗୋବିନ୍ଦ ଚନ୍ଦ୍ର ମହାରଣା, କବି କମଳିନୀ ମଲ୍ଲିକ ଓ ଗୋପୀନାଥ ସେଠୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ତ୍ରିଲୋଚନ ଦାସ ଓ ନିଶିକାନ୍ତ କହଲସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜର କୋଷାଧ୍ୟକ୍ଷ କବି ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଥାଶିଳ୍ପୀ ତପନ ମହାପାତ୍ର, ସମରେନ୍ଦ୍ର ବଳିଆରସିଂହ, ବିପିନ୍ ମହାନ୍ତି, ଅକ୍ଷୟ କୁମାର ସାହୁ, ଅଜୟ ସେଠୀ, ଗାଳ୍ପିକ ଡ.ବୃନ୍ଦାବନ ପଣ୍ଡା, ଡ.ଚପଳା ପଣ୍ଡା, ସ୍ୱାଗତିକା ସୁନ୍ଦରାୟ, ସ୍ନିଗ୍ଧା ସୁଚିସ୍ମିତା ଖଟୁଆ, ଅନ୍ତର୍ଯ୍ୟାମୀ ପ୍ରଧାନ, ସୌଦାମିନୀ ବେହେରା, ହରିହର ସାହୁ, ଗୀତାଞ୍ଜଳି ମହାପାତ୍ରଙ୍କ ସମେତ ଶତାଧିକ ସଂସ୍କୃତି ପ୍ରେମୀ ଓ କବି ଯୋଗ ଦେଇଥିଲେ।

# ଓଡ଼ିଆ ନବବର୍ଷ ଓ ଆମ୍ବେଦକରଙ୍କ ଜୟନ୍ତୀ



ଖୋର୍ଦ୍ଧା,୧୪।୪(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ ଓଡ଼ିଆ ନବବର୍ଷ ଏବଂ ଡ. ବି ଆର. ଆମ୍ବେଦକର ଜୟନ୍ତୀ ମିଳିତ ଭାବେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଓଡ଼ିଆ ନବବର୍ଷ ପାଳନ ରାଜ୍ୟ ସରକାରଙ୍କ ଏକ ମହତ କାର୍ଯ୍ୟକ୍ରମ ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ମୋହନ ଦାଶ ଯୋଗଦେଇ ଓଡ଼ିଆ ନବବର୍ଷ ପାଳନ ଏବଂ ଡ଼ଃ ଆମ୍ବେଦକରଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ସାମ୍ବାଦିକ ପ୍ରଭାତ କୁମାର ପାଣିଗ୍ରାହୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ ବ୍ଲକକୁ ନେଇ ମୁରୁଜ ତଥା ରଙ୍ଗୋଲି, ଝୋଟି ଓ ଚିତା ଏବଂ ପିଠାପଣା ପ୍ରତିଯୋଗିତାର କୃତୀ ମହିଳାଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା ଓ ପଣାର ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଡେପୁଟୀ କଲେକ୍ଟର ନିବେଦିତା ପରିଡ଼ା, ସୌମ୍ୟା ସାଗରିକା ସ୍ୱାଇଁ, ନିଜାରତ ଅଧିକାରୀ ରିଷବ ତ୍ରିପାଠୀ, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଇପ୍ସିତା ସାହୁ, ବିଜେପି ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ନିକୁଞ୍ଜ ପଟ୍ଟନାୟକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ରାମ ଶଙ୍କର, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ସମସ୍ତ ସିଡିପିଓ, ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଉପସ୍ଥିତଥିଲେ।

